ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.133 Bhubaneswar Saturday, July 10, 2021 | ୨୪ତମ ବର୍ଷ ସଂଖ୍ୟା–୧୩୩ ଭୁବନେଶ୍ୱର, ଶନିବାର, ଜୁଲାଇ ୧୦, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS



କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ନୂଆଦିଲ୍ଲୀରେ ଟିକସ ନୀତି ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଜି–୨୦ ଉଚ୍ଚସ୍ତରୀୟ ଟିକସ ସମ୍ମିଳନୀରେ ଉଦ୍‌ବୋଧନ ଦେଉଛନ୍ତି

## ଆଇପିଏସ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୯ ।୭(ପି.ଏନ): ରାଜ୍ୟ ସରକାର ଶୁକ୍ରବାର ଆଇପିଏସ ସ୍ତରରେ ଅଦଳବଦଳ କରିଛନ୍ତି । ଏହା ଦ୍ୱାରା ୬ ଜିଲ୍ଲାରେ ନୂଆ ପୁଲିସ ଏସପିଙ୍କୁ ନିଯୁକ୍ତି ମିଳିଛି । ଏଥିନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ବିଜ୍ଞପ୍ତି ଅନୁସାରେ, କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୧୯୯୮ ବ୍ୟାଚ୍ ଆଇପିଏସ ଏସ୍ .ଦେବଦତ ସିଂଙ୍କୁ ପୋଲିସ ମୁଖ୍ୟାଳୟର ଆଇଜି ଭାବେ ଅବସ୍ଥାପିତ କରାଯାଇଥିବାବେଳେ ଜଗତସିଂହପୁର ଏସପି ପ୍ରକାଶ ଆରଙ୍କୁ ଭିଜିଲାନ୍ସ ଏସପି ଭାବେ ବଦଳି କରାଯାଇଛି । ସେହିପରି ଏସଓଜି କମାଣ୍ଡାଂଟ ୨୦୦୯ ବ୍ୟାଚ୍ ଆଇପିଏସ ଅଖିଳେଶ୍ୱର ସିଂଙ୍କୁ ଜଗତସିଂହପୁର ପୁଲିସ ଏସପି, ୨୦୧୩ ବ୍ୟାଚ୍ ଆଇପିଏସ୍ ପିଏସ ପୁରୁଷୋତମଦାସଙ୍କୁ ନବରଙ୍ଗପୁର ଏସପି, ୨୦୧୫ ବ୍ୟାଚ୍ ଆଇପିଏସ୍ ରାହୁଲ ଜୈନଙ୍କୁ ବରଗଡ଼ ପୁଲିସ ଏସପି, ୨୦୧୫ ବ୍ୟାଚ୍ ଆଇପିଏସ ପ୍ରତ୍ୟୁଷ ଦିବାକରଙ୍କୁ ନୂଆପଡ଼ା ଏସପି, ୨୦୧୬ ବ୍ୟାଚ୍ ଆଇପିଏସ୍ କେ ଆର ଦ୍ୟାନଦେଓଙ୍କୁ ମୟୂରଭଞ୍ଜ ଏସପି ଓ ୨୦୧୭ ବ୍ୟାଚ୍ ଆଇପିଏସ୍ ପିଏସ ମୀନାଙ୍କୁ ମାଲକାନଗିରି ଏସପି ଭାବେ ବଦଳି କରାଯାଇଛି ।

# ଗୋଟିଏ ଦିନରେ ୨୮୦୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୯ ।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୮୦୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୩୫୧୩୬କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୦୩୧୭୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୭୪୨୯ ରହିଛି । ଆଜି ଚିହ୍ନଟ ହୋଇଥିବା ୨୮୦୬ ଜଣଙ୍କ ମଧ୍ୟରୁ ୧୬୧୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୧୯୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୫୯୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୧୦୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୫୩ ଜଣ, ବରଗଡ଼ରୁ ୩୩ ଜଣ, ଭଦ୍ରକରୁ ୮୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୯, କଟକରୁ ୪୪୧, ଦେବଗଡ ଜିଲ୍ଲାରୁ ୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୨୪ ଜଣ, ଗଜପତି ଜିଲ୍ଲାରୁ ୬ , ଗଞ୍ଜାମରୁ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୧୯ ଜଣ, ଯାଜପୁରରୁ ୨୫୨ ଜଣ, ଝାରସୁଗୁଡ଼ାରୁ ୧୦ ଜଣ, କଳାହାଣ୍ଡିରୁ ୨୫ ଜଣ, କନ୍ଧମାଳ ଜିଲ୍ଲାରୁ ୧୭ ଜଣ. କେନ୍ଦ୍ରାପଡ଼ାରୁ ୫୭ ଜଣ, କେନ୍ଦୁଝରରୁ ୭୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୫୯୦ ଜଣ, କୋରାପୁଟରୁ ୨୯ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୦୯ ଜଣ, ନବରଙ୍ଗପୁରରୁ ୨୦ ଜଣ, ନୟାଗଡ଼ରୁ ୮୬ ଜଣ, ନୂଆପଡ଼ାରୁ ୭ ଜଣ, ପୁରୀରୁ ୧୩୮ ଜଣ, ରାୟଗଡ଼ାରୁ ୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୬ ଜଣ, ସୋନପୁରରୁ ୧୬ ଜଣ, ସୁନ୍ଦରଗଡ଼ରୁ ୬୫ ଜଣ ଓ ଷ୍ଟେଟ୍ ପୁଲରୁ ୧୧୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଗୀତାଞ୍ଜଳି ପ୍ରତିଭା ସମ୍ମାନ–୨୦୨୧ ପ୍ରଦାନ

ଭୁବନେଶ୍ୱର, ୯ ।୭(ପି.ଏନ): ପକ୍ଷରୁ ସରକାରଙ୍କ କୋଭିଡ଼ ନିୟମ ଅନୁଯାୟୀ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ୧ରେ ଉତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଚତୁର୍ଥ ଗୀତାଞ୍ଜଳି ପ୍ରତିଭା ସମ୍ମାନ–୨୦୨୧ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ପଦ୍ମଶ୍ରୀ ବଟକୃଷ୍ଣ ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଜୟଦେବ ବିଧାୟକ ଡଃ ଅରବିନ୍ଦ ଢାଲି ଯୋଗଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ଓଝା, ବିଧାୟକ ପ୍ରତିନିଧି ଅଚ୍ୟୁତାନନ୍ଦ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଅମରେନ୍ଦୁ ପ୍ରସାଦ ପଟ୍ଟନାୟକ, ଶିକ୍ଷାବିତ୍ ବଦ୍ରୀନାରାୟଣ ବେହେରା, ବିଧୂଭୂଷଣ ପଟ୍ଟନାୟକ, ସିଦ୍ଧେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆ ଜାତୀୟ ଶିକ୍ଷା ନୀତିର ଅଗ୍ରଗତି ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୯ ।୭(ପି.ଏନ):କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାବରେ ନୂଆ ଦାୟିତ୍ୱ ଗ୍ରହଣ କରିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ସ୍ୱୟଂଶାସିତ ସଂସ୍ଥା ମାନଙ୍କ ସହିତ ଆଲୋଚନା କରିବା ସହ ନୂଆ ଜାତୀୟ ଶିକ୍ଷା ନୀତି ୨୦୨୦(ଏନ୍‌ଇପି) କାର୍ଯ୍ୟକାରୀର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ କେନ୍ଦ୍ର ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଡା. ସୁବାଷ ସରକାର, ଅନ୍ନପୂର୍ଣ୍ଣା ଦେବୀ, ରାଜକୁମାର ରଞ୍ଜନ ସିଂହଙ୍କ ସହ ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ସ୍ୱୟଂଶାସିତ ସଂସ୍ଥା ଗୁଡ଼ିକ ସହ ସାକ୍ଷାତ୍ ଆଲୋଚନା ହେଲା । ଏହି ଅବସରରେ ନୂଆ ଶିକ୍ଷା ନୀତିର କାର୍ଯ୍ୟକାରୀ ସହ ଦେଶରେ ଥିବା ୩୦ କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଉଜ୍ଜଳ କରିବା ପାଇଁ କ'ଣ ପଦକ୍ଷେପ ନିଆଯିବ ତାହା ଉପରେ ଆଲୋକପାତ କରାଯାଇଛି । ଏହାବ୍ୟତିତ ନୂଆ ଶିକ୍ଷା ନୀତିର ଲକ୍ଷ୍ୟକୁ ନିର୍ଦ୍ଧାରିତ ସମୟରେ ପୂରଣ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି

## ୫ ସାଇବର ଠକ ଗିରଫ

ଭୁବନେଶ୍ୱର, ୯ ।୭(ପି.ଏନ): ଭୁବନେଶ୍ୱରରୁ ଗିରଫ ହୋଇଛନ୍ତି ୫ ସାଇବର ଠକ । ଭରତପୁର ଥାନା ପୋଲିସ ସହାୟତାରେ ହାଇଦ୍ରାବାଦ ପୋଲିସ ଏହି ୫ଜଣ ଠକକୁ ଗିରଫ କରିଛି । ସେମାନଙ୍କ ମଧ୍ୟରୁ ୩ ଜଣ ଘାଟିକିଆ ଓ ୨ ଜଣ ବରମୁଣ୍ଡା ଅଂଚଳର ରହିଛନ୍ତି । ଆଜି ହାଇଦ୍ରାବାଦ ପୋଲିସକୁ ହସ୍ତାନ୍ତର କରିବ କମିଶନରେଟ ପୋଲିସ ।

## ଜୁଲାଇ ୩୧ ସୁଦ୍ଧା ଯୁକ୍ତ ୨ ରେଜଲ୍ଟ

ଭୁବନେଶ୍ୱର, ୯ ।୭(ପି.ଏନ): ଜୁଲାଇ ୩୧ ତାରିଖ ଭିତରେ ପ୍ରକାଶ ପାଇପାରେ ଯୁକ୍ତ ଦୁଇ ରେଜଲ୍ଟ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସୂଚନା ଦେଇଛନ୍ତି ।ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି, ପୂର୍ବରୁ ଆମେ ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧା ଯୁକ୍ତ ଦୁଇ ରେଜଲ୍ଟ ପ୍ରକାଶ ପାଇବ ବୋଲି କହିଥିଲୁ । କିନ୍ତୁ ସୁପ୍ରିମ୍ କୋର୍ଟ ଜୁଲାଇ ୩୧ ତାରିଖ ଭିତରେ ରେଜଲ୍ଟ ପ୍ରକାଶ କରିବାକୁ କହିଛନ୍ତି । ତେଣୁ ଜୁଲାଇ ୩୧ ତାରିଖ ଭିତରେ ରେଜଲ୍ଟ ପ୍ରକାଶ କରିବାକୁ ଆମେ ଚେଷ୍ଟା କରୁଛୁ । ଯଦି କିଛି ସମସ୍ୟା ହେଲା, ତା'ହେଲେ ଦିନେ ଦୁଇ ଦିନ ବିଳମ୍ବ ହୋଇପାରେ । କରୋନା ଯୋଗୁ ଏଥର ମାଟ୍ରିକ୍ ଭଳି ଯୁକ୍ତ ଦୁଇର ମଧ ପରୀକ୍ଷା ହୋଇନାହିଁ । ତେଣୁ ମାଟ୍ରିକ୍ ଭଳି ବିକଳ୍ପ ବ୍ୟବସ୍ଥା ଯୋଗେ ଯୁକ୍ତ ଦୁଇ ରେଜଲ୍ଟ ପ୍ରକାଶ କରାଯିବ ବୋଲି ସେ କହିଛନ୍ତି ।

## ରାଜ୍ୟରେ କରୋନାରେ ଆଉ ୬୧ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୯ ।୭(ପି.ଏନ): ରାଜ୍ୟରେ ଆଉ ୬୧ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ବିଭାଗ ପକ୍ଷରୁ ଟ୍ୱିଟ୍ କରି ଏହି ତଥ୍ୟ ପ୍ରଦାନ କରାଯାଇଛି । ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୪୪୭୬କୁ ବୃଦ୍ଧି ପାଇଛି । କରୋନାରେ ପ୍ରାଣ ହରାଇଥିବା ଏହି ୬୧ ଜଣଙ୍କ ମଧରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧ ଜଣ ଅଛନ୍ତି । ଏହି ୧୧ ଜଣଙ୍କ ମଧ୍ୟରୁ କେବଳ ଭୁବନେଶ୍ୱରରୁ ୫ ଜଣ ଅଛନ୍ତି । ସେହିପରି ବରଗଡ଼, ଗଞ୍ଜାମ,ମୟୂରଭଞ୍ଜ ଓ ପୁରୀରୁ ୬ ଜଣ ଲେଖାଏଁ ଥିବା ବେଳେ ସମ୍ବଲପୁର ଓ ସୁନ୍ଦରଗଡ଼ରୁ ୫ ଜଣ ଲେଖାଏଁ, କେନ୍ଦୁଝରରୁ ୪, ଢେଙ୍କାନାଳ, କଟକ ଓ ନୟାଗଡ଼ରୁ ୨ ଜଣ ଲେଖାଏଁ ଏବଂ ବୌଦ୍ଧ, ଗଜପତି, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ନୂଆପଡ଼ା ଓ ରାୟଗଡ଼ାରୁ ଜଣେ ଲେଖାଏଁ ଅଛନ୍ତି ।

## ୭ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୯ ।୭(ପି.ଏନ): ଆସନ୍ତା ୧୧ ତାରିଖ ବେଳକୁ ପଶ୍ଚିମକେନ୍ଦ୍ରୀୟ ତଥା ସଂଲଗ୍ନ ଉତର–ପଶ୍ଚିମ ଏବଂ ଉତର–ଆନ୍ଧ୍ର–ଦକ୍ଷିଣ ଓଡିଶା ଉପକୂଳ ଅଂଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ, ବରଗଡ଼, ଝାରସୁଗୁଡ଼ା, ଅନୁଗୁଳ ଓ ଦେବଗଡ଼ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ,ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା,ବରଗଡ଼,ସମ୍ବଲପୁର, ଦେବଗଡ଼, ଅନୁଗୁଳ,ଢେଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ,ବୌଦ୍ଧ, କନ୍ଧମାଳ ଓ ସୁବର୍ଣ୍ଣପୁର ଆଦି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ୧୦ ତାରିଖ ସକାଳ ଠାରୁ ୧୧ ତାରିଖ ସକାଳ ମଧ୍ୟରେ ଗଜପତି,ଗଂଜାମ, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ , ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ , ଗଜପତି, କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ, କନ୍ଧମାଳ , ରାୟଗଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ଡ. ଇତି ସାମନ୍ତ 'ୱାଜା ଓଡ଼ିଶା'ର ଅଧକ୍ଷା ମନୋନୀତ

ଭୁବନେଶ୍ୱର, ୯ ।୭(ପି.ଏନ): ଜାତୀୟସ୍ତରରେ ଲେଖକ–ସାମ୍ବାଦିକଙ୍କ ପ୍ରଥମ ମିଳିତ ମଞ୍ଚ 'Writers and Journalist Association' (WAJA India) ଓଡ଼ିଶା ପ୍ରଦେଶର ଅଧକ୍ଷା ଭାବେ ବିଶିଷ୍ଟ ଲେଖିକା, ସାମ୍ବାଦିକା, ସମାଜସେବୀ, ଉଦ୍ୟୋଗୀ ତଥା 'କାଦମ୍ବିନୀ' ସମ୍ପାଦିକା ଡ. ଇତି ସାମନ୍ତ ମନୋନୀତ ହୋଇଛନ୍ତି । ଅନୁଷ୍ଠାନର ଜାତୀୟ କମିଟିର ନିଷ୍ପତ୍ତି ଅନୁସାରେ WAJA India ର ଜାତୀୟ ମହାସଚିବ ଶିବେନ୍ଦ୍ର ପ୍ରକାଶ ଦ୍ୱିବେଦୀଙ୍କ ଦ୍ୱାରା ଏ ସଂପର୍କିତ ମନୋନୟନ ପତ୍ର ନୂଆଦିଲ୍ଲୀ କାର୍ଯ୍ୟାଳୟରୁ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ରାଷ୍ଟ୍ରୀୟ ଏକୀକରଣ ଏବଂ ବିଭିନ୍ନ ଭାଷା ସାହିତ୍ୟର ବିକାଶକୁ ପ୍ରାଧାନ୍ୟ ଦେଇ ଲେଖକ ଓ ସାମ୍ବାଦିକମାନଙ୍କୁ ଗୋଟିଏ ମଞ୍ଚରେ ଏକତ୍ର କରିବାର ଲକ୍ଷ୍ୟରେ 'Writers and Journalist Association' ସୃଷ୍ଟି । ବିଭିନ୍ନ ରାଜ୍ୟରେ



ଏହି ସଂଗଠନ ବେଶ୍ ସକ୍ରିୟତାର ସହ କାର୍ଯ୍ୟ କରୁଛି । ସାହିତ୍ୟ ଓ ସାମ୍ବାଦିକତାର ଏଭଳି ଏକ ମହତ୍ୱପୂର୍ଣ୍ଣ ଜାତୀୟ ସଂଗଠନର ଓଡ଼ିଶା ଶାଖାର ଅଧକ୍ଷା ଭାବରେ ଡ. ଇତି ସାମନ୍ତଙ୍କ ମନୋନୟନକୁ ବିଭିନ୍ନ ବର୍ଗରେ ସ୍ୱାଗତ କରାଯାଇଛି । ଡ. ଇତି ସାମନ୍ତଙ୍କ ଅଧକ୍ଷତାରେ ଡଇଔଇ ଙ୍ଘସଷ୍ୱଷବ ବେଶ୍ ପ୍ରଭାବଶାଳୀ କାର୍ଯ୍ୟ କରିବ ବୋଲି ମଧ ଏହାର କେନ୍ଦ୍ରୀୟ ସଂଗଠନ ଆଶା ପ୍ରକାଶ କରିଛନ୍ତି ।

# ଉପକୂଳରେ ବଢୁଛି ସଂକ୍ରମଣ , ସର୍ଭେଲାନ୍ସ ଓ ଟେଷ୍ଟିଂ ଉପରେ ଫୋକସ୍:୧୫ରୁ ଗର୍ଭବତୀଙ୍କୁ ଟିକା

ଭୁବନେଶ୍ୱର, ୯ ।୭(ପି.ଏନ): କରୋନା ପଜିଟିଭ୍ ହାର ୫ ପ୍ରତିଶତ ଉପରେ ରହୁଥିବାରୁ ଏଣିକି ସର୍ଭେଲାନ୍ସ ଓ ଟେଷ୍ଟିଂ ଉପରେ ଫୋକସ୍ କରାଯିବ । ବିଭିନ୍ନ ବସ୍ତି ଅଂଚଳ, ଯେଉଁଠି ସଂକ୍ରମଣ ବଢୁଛି, ସେସବୁ ସ୍ଥାନରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବିଭାଗ ଗୁରୁତ୍ୱ ଦେଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ଧିରେ ଧିରେ ରାଜ୍ୟରେ ସଂକ୍ରମଣ କମୁଥିବା ବେଳେ ଭୁବନେଶ୍ୱର, ମୟୂରଭଞ୍ଜ ଓ ଅନ୍ୟ ୩ଟି ଉପକୂଳ ଜିଲ୍ଲାରେ ସଂକ୍ରମଣ ବୃଦ୍ଧି ପାଇବା ଚିନ୍ତାର କାରଣ । ଆଜି ପଜିଟିଭ୍ ହାର ୩ ପ୍ରତିଶତକୁ କମିଥିବା ବେଳେ ମୟୂରଭଞ୍ଜରେ ସର୍ବାଧିକ ପଜିଟିଭ୍ ହାର ୧୭ ପ୍ରତିଶତ ରହିଥିବା ସେ ସୂଚନା ଦେଇଛନ୍ତି ।ଅନ୍ୟପଟେ ୧୫ ତାରିଖ ପରେ ଗର୍ଭବତୀ ମାନଙ୍କୁ ଟିକାକରଣ ଆରମ୍ଭ ହେବ । ଯେଉଁ ଜିଲାରେ ଯେଉଁ ଟିକା ଦିଆଯାଉଛି ସେହି ଟିକା ଦିଆଯିବ । ଆଜି ଏ ନେଇ ଗାଇଡଲାଇନ୍ ଜାରି ହେବ । ୧୫ ତାରିଖ ପୂର୍ବରୁ ଏଏନଏମ, ଆଶା, ଅଙ୍ଗନୱାଡ଼ି ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ତାଲିମ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆଜି ସକାଳେ ୧ ଲକ୍ଷ ୭୩ ହଜାର କୋଭାକ୍ସିନ ଟିକା ପହଂଚିଛି । ଟିକା ଅଭାବରୁ ୫ ଜିଲ୍ଲାରେ ଆଜି ଟିକାକରଣ ବନ୍ଦ ରହିଛି ବୋଲି କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ।














# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ଦାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ସ୍ୱାସ୍ଥ୍ୟସେବାର ନବକଳେବର



କରୋନା ମହାମାରୀ ସମଗ୍ର ବିଶ୍ୱବାସୀଙ୍କୁ ପହ□ାଇଥିଲା ପରବର୍ତ୍ତୀ ସମୟରେ ସରକାର କରୋନା ବିରୁଦ୍ଧରେ ଏକ ପ୍ରକାର ବିଜୟ ହେବନାହିଁ। କରୋନା ପାଇଁ ବ୍ୟାପକ ନିଆଯାଇଛି। ଏ କ୍ଷେତ୍ରରେ କରୋନା ଯୋଦ୍ଧା ମାନଙ୍କୁ ପ୍ରାଥମିକ ଭାବେ ଟିକା ପ୍ରଦାନ କରାଯାଉଛି। ଏସବୁ ସତ୍ତ୍ୱେ ନବକଳେବର ହେବାକୁ ଯାଉଛି କହିଲେ ସର୍ବବୃହତ୍ତ ଚିକିତ୍ସା ପ୍ରତିଷ୍ଠାନ ଶ୍ରୀରାମଚନ୍ଦ୍ର ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନ ନିମିତ୍ତ ଅନେକ ଜାନୁଆରୀ ୧, ୨୦୨୪ରେ ପରିବର୍ତ୍ତିତ ଏକ ପ୍ରକାର ଯେଉଁପରି ଦୁଃଖ ଓ ସ୍ୱାସ୍ଥ୍ୟ ବିଭାଗ ବ୍ୟାପକ ଉଦ୍ୟମ କରି ଲାଭ କରିଛନ୍ତି କହିଲେ ଅତ୍ୟୁକ୍ତି ଟୀକାକରଣ କାର୍ଯ୍ୟକ୍ରମ ମଧ୍ୟ ହାତକୁ ବିରୁଦ୍ଧରେ ସଂଗ୍ରାମ କରୁଥିବା ଆଗୁଆ ଜରୁରୀକାଳୀନ ବ୍ୟବସ୍ଥା ଅନୁଯାୟୀ ଓଡ଼ିଶାର ସ୍ୱାସ୍ଥ୍ୟାସେବାର ଏକ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାର ଭଞ୍ଜ ମେଡ଼ିକାଲ କଲେଜକୁ ସରକାର ଯୋଜନା ହାତକୁ ନେଇଛନ୍ତି। ଓ ପରିବର୍ଦ୍ଧିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକର ଲୋକାର୍ପଣ ହେବ। ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ମାଇଲ ଷ୍ଟୋନ ପ୍ରତିଷ୍ଠା ହେବ। ତେବେ କେବଳ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲର ନବକଳେବର ନୁହେଁ, ପୁରା ରାଜ୍ୟର ସ୍ୱାସ୍ଥ୍ୟସେବା ନବକଳେବରର ଧାରାରେ ସାମିଲ ହୋଇସାରିଛି। କରୋନା ମହାମାରୀ ସମଗ୍ର ବିଶ୍ୱକୁ କବଳିତ କରି ରଖିଥିବା ବେଳେ ଓଡ଼ିଶା ଆଜି ଅନ୍ୟମାନଙ୍କ ପାଇଁ ରୋଲ ମଡ୍ଲେ ହୋଇପାରିଛି। ଓଡ଼ିଶା ସରକାରଙ୍କ ସଫଳ କୋଭିଡ଼ ପରିଚାଳନାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲୁଏଚ୍‌ଓ ଠାରୁ ଆରମ୍ଭ କରି କେନ୍ଦ୍ର ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ୨୦୧୭ ପରଠାରୁ ମେଡ଼ିକାଲ ଶିକ୍ଷା ଓ ଚିକିତ୍ସାରେ ଅଭୂତପୂର୍ବ ପରିବର୍ତ୍ତନ ଦେଖାଯାଇଛି। ବାଲେଶ୍ୱର, ବାରିପଦା, ବଲାଙ୍ଗିର, କୋରାପୁଟରେ ନିର୍ମିତ ମେଡ଼ିକାଲ କଲେଜରେ ନାମ ଲେଖା ଆରମ୍ଭ ହୋଇଥିବାବେଳେ ପୁରୀରେ ଚଳିତ ବର୍ଷ ନାମଲେଖା ହେବ। ଏହା ବ୍ୟତୀତ କେନ୍ଦୁଝର ଓ କଳାହାଣ୍ଡିରେ ରାଜ୍ୟ ସରକାର ନିଜ ପାଣ୍ଠିରୁ ଗୋଟିଏ ଲେଖାଏଁ ମେଡ଼ିକାଲ କଲେଜ ନିର୍ମାଣ କରୁଛନ୍ତି। ସୁନ୍ଦରଗଡ଼ ଓ ତାଳଚେରରେ ମଧ୍ୟ ମେଡ଼ିକାଲ କଲେଜ ପାଇଁ କାମ ଚାଲିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସବୁଠାରୁ ବଡ଼ ଉପଲବ୍ଧି ହେଉଛି କିଡ୍‌ନୀ ପ୍ରତିରୋପଣ ଓ କର୍କଟ ରୋଗର ଚିକିତ୍ସା ବ୍ୟବସ୍ଥା। କିଡ୍‌ନୀ କିମ୍ବା କର୍କଟ ରୋଗର ବ୍ୟୟବହୁଳ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ଓଡ଼ିଶାରେ ଉପଲବ୍ଧ ହୋଇପାରିଛି। ଜନସାଧାରଣଙ୍କ ପାଇଁ ନିଃଶୁଳ୍କ କିଡ୍‌ନୀ ପ୍ରତିରୋପଣ ବ୍ୟବସ୍ଥା ଆରମ୍ଭ ହୋଇଛି। ଗତ ୫ବର୍ଷ ଭିତରେ ରାଜ୍ୟରେ ଡାକ୍ତରଙ୍କ ସଂଖ୍ୟା ୫ହଜାରରୁ ୧୦ ହଜାରକୁ ବୃଦ୍ଧି ପାଇଛି। ଗତବର୍ଷ ମାର୍ଚ୍ଚ ମାସରେ ଏକ ସଙ୍ଗରେ ୧୦୩୮ ନୂତନ ଡାକ୍ତରଙ୍କୁ ନିଯୁକ୍ତି ମିଳିଥିଲା। ଚଳିତ ବର୍ଷ ଓପିଏସ୍‌ସି ୨୪୫୨ ଡାକ୍ତରଙ୍କ ସମେତ ୮୨ଜଣ ଦନ୍ତ ଚିକିତ୍ସକ, ୯୪ଜଣ ସହକାରୀ ପ୍ରଫେସର, ୧୫୬ ଜଣ ଆର୍ୟୁବେଦିକ ମେଡ଼ିକାଲ ଅଫିସର, ୪୦ ଆର୍ୟୁବେଦିକ ଲେକ୍‌ଚର, ୧୮୪ ହୋମିଓପାଥିକ ମେଡ଼ିକାଲ ଅଫିସର ଓ ୫୦ଜଣ ହୋମିଓପାଥିକ ଲେକ୍‌ଚର ନିଯୁକ୍ତ କରିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ୬୪୩୨ ନର୍ସିଂ ଅଫିସର, ୬୦୦ ଫାର୍ମାସିଷ୍ଟ, ୨୦୦ ରେଡ଼ିଓଗ୍ରାଫର, ୮୭୮ ଆୟୁଷ ସହାୟକ ନିଯୁକ୍ତ ହେବେ। ନକ୍ସଲ ପ୍ରଭାବିତ, ଆଦିବାସୀ କିମ୍ବା ପଛୁଆ ଅ□ଳରେ ଥିବା ଡାକ୍ତରଖାନାକୁ ଭି-୪ ବର୍ଗରେ ରଖାଯାଇଛି। ଅର୍ଥାତ୍ ଏହି ବର୍ଗର ଡାକ୍ତରଖାନାକୁ ଅଧିକ ଗୁରୁତ୍ୱ ଦିଆଯିବ। ଭି-୦ ବର୍ଗରେ ଥିବା ଡାକ୍ତରଙ୍କ ତୁଳନାରେ ଭି-୪ ବର୍ଗର ଡାକ୍ତରଖାନାରେ କାମ କରୁଥିବା ଡାକ୍ତରଙ୍କୁ ଦୁଇଗୁଣା ଦରମା ମିଳୁଛି। ଭି-୩ ବର୍ଗର ଡାକ୍ତରଙ୍କୁ ୭୫ ପ୍ରତିଶତ, ଭି-୨ ବର୍ଗର ଡାକ୍ତରଙ୍କୁ ୫୦ ପ୍ରତିଶତ ଅଧିକ ଦରମା ଦିଆଯାଉଛି। ସେହିପରି କେବିକେ ଓ ଆଦିବାସୀ ଅ□ଳରେ ଡାକ୍ତର ତିନିବର୍ଷ କାମ କରିବା ପରେ ସ୍ୱୟଂକୃତ ଭାବେ ଅନ୍ୟତ୍ର ବଦଳି ନିୟମ ୨୦୧୫ରୁ ପ୍ରଚଳନ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଅଧୀନରେ ଦରିଦ୍ର ଲୋକଙ୍କୁ ମାଗଣା ହୃଦ୍‌ରୋଗ ଚିକିତ୍ସା ଦିଆଯାଉଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରାଜ୍ୟବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ସହ ସାଧାରଣ ଲୋକଙ୍କୁ ମାଗଣାରେ ସର୍ବୋତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ। ନିଦାନ ମାଧ୍ୟମରେ ଡାଇଗ୍ନୋଷ୍ଟିକ୍ ବ୍ୟବସ୍ଥା କରାଯାଇଛି। ଆବଶ୍ୟକସ୍ଥଳେ ଘରୋଇ ଡାକ୍ତରଖାନାରେ ଲୋକଙ୍କ ମାଗଣା ଚିକିତ୍ସା କରାଯାଉଛି। ମେଡ଼ିକାଲ କଲେଜ ଓ ଡାକ୍ତରଙ୍କ ଅଭାବ ଦୂର ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ତେଣୁ ଆସନ୍ତା ଦୁଇବର୍ଷ ଭିତରେ ଓଡ଼ିଶାରେ ଡାକ୍ତର ଓ ଡାକ୍ତରଖାନାର ଅଭାବ ଦୂର ହେବ ନିଶ୍ଚୟ। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗ୍ରାମା□ଳ ଠାରୁ ଉପାନ୍ତ, ଜନଜାତି ବହୁଳ ଅ□ଳ ସବୁଠି ସ୍ୱାସ୍ଥ୍ୟସେବାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରୁଛନ୍ତି। ଆବଶ୍ୟକୀୟ ଭିତ୍ତିଭୂମି ସୁଦୃଢ଼ ସହ ସମସ୍ତ ଚିକିତ୍ସା ସେବା ଲୋକମାନଙ୍କ ପାଖରେ ପହ□ାଇବାର ରାଜ୍ୟ ସରକାରଙ୍କ ଯୋଜନା ଆଜି ଓଡ଼ିଶାକୁ ଏକ ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ରାଜ୍ୟ ଭାବେ ଅନ୍ୟ ରାଜ୍ୟ ପାଇଁ ଆଦର୍ଶର କେନ୍ଦ୍ରବିନ୍ଦୁ ପାଲଟିଛି। ଏ କ୍ଷେତ୍ରରେ ରାଜ୍ୟବାସୀଙ୍କ ସହଯୋଗ ମଧ୍ୟ ଦରକାର।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ସରକାରୀ ସ୍କୁଲରେ ସଂରକ୍ଷଣ ଅଫର ସଫଳ ହେବ କି ?

ଡାକ୍ତରୀ ଓ ଇଞ୍ଜିନିୟରିଂ ଶିକ୍ଷାରେ ନାମ ଲେଖାଇବା ପାଇଁ ସରକାରୀ ହାଇସ୍କୁଲ ପିଲାଙ୍କୁ ୧୫ପ୍ରତିଶତ ସ୍ଥାନ ସଂରକ୍ଷଣ ମିଳିବ। ନିକଟରେ ରାଜ୍ୟ କ୍ୟାବିନେଟରେ ଏହି ପ୍ରସ୍ତାବ ଅନୁମୋଦନ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କିତ ଏକ ସଂକଳ୍ପ ବିଧାନସଭାରେ ଆଗତ କରିଥିଲେ। ସର୍ବସମ୍ମତିକ୍ରମେ ସଂକଳ୍ପ ପାରିତ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ସରକାରୀ ସ୍କୁଲ ପିଲାଙ୍କୁ ଡାକ୍ତରୀ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବାକୁ ପୂର୍ବରୁ ସରକାର ଘୋଷଣା କରିଥିଲେ। ସରକାରୀ ସ୍କୁଲର ମେଧାବୀ ପିଲାମାନଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂରେ ନାମ ଲେଖାପାଇଁ ସ୍ଥାନ ସଂରକ୍ଷଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ତା୨୮.୧୨.୨୦୨୦ରିଖରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ନିଆଯାଇଥିଲା। ଏଥିପାଇଁ ସରକାର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିଥିଲେ। ଅର୍ଥ ଓ କୋଚିଙ୍ଗ୍ ଅଭାବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ କିଭଳି ବୈଷମ୍ୟ ସୃଷ୍ଟି ହୋଇଛି କମିଟି ତାହା ଦର୍ଶାଇବା ସହିତ ଏହି ବୈଷମ୍ୟ ଦୂର କରିବା ପାଇଁ ସରକାରୀ ସ୍କୁଲ ପିଲାଙ୍କ ପାଇଁ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ ସକାଶେ ସୁପାରିଶ କରିଥିଲେ। ବିଧାନସଭାରେ ଏହି ସମ୍ପର୍କିତ ସଂରକ୍ଷଣ ସଂକଳ୍ପ ଆଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ, 'ନିଟ୍' ଓ 'ଜେଇଇ'ପରି ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ କୋଚିଙ୍ଗ୍ ଅଭାବରୁ ପଛୁଆ ରହୁଥିବା ଗରିବ ପିଲାମାନଙ୍କୁ ସରକାରଙ୍କ ଏହି ସଂରକ୍ଷଣ ବ୍ୟବସ୍ଥା ମେଡିକାଲ ଓ ଇଞ୍ଜିନିୟରିଂ ନାମଲେଖାରେ ବେଶ୍ ସହାୟକ ହେବ। ଏହାଦ୍ୱାରା ଛାତ୍ର ଜୀବନର ସ୍ୱପ୍ନ ସାକାର ହେବ। ଆସନ୍ତା ଶିକ୍ଷାବର୍ଷରୁ ଏହା ରାଜ୍ୟରେ ଲାଗୁ କରାଯିବ ବୋଲି ସୂଚନା ମିଳିଛି।

ଶିକ୍ଷା ବ୍ୟବସ୍ଥାରେ ସମାନତା ଆଣିବା ପାଇଁ ଅତୀତରେ ବହୁ ମହାନ ବ୍ୟକ୍ତି ଉଦ୍ୟମ କରିଥିଲେ। ମହାନ ସଂସ୍କାରକ ଜ୍ୟୋତିରାଓ ଫୁଲେ ହଣ୍ଟର କମିଶନଙ୍କ ରିପୋର୍ଟରେ କହିଥିଲେ ଯେ, ଶିକ୍ଷା ପ୍ରଦାନ କ୍ଷେତ୍ରରେ କେବଳ ଉଚ୍ଚବର୍ଗଙ୍କୁ ସାହାଯ୍ୟ କରୁଛନ୍ତି, ଯଦିଓ ସରକାର ଅଧିକ ଆୟ ନିମ୍ନବର୍ଗଙ୍କ ପରିଶ୍ରମରୁ ପାଉଛନ୍ତି। ୧୯୧୧ ମସିହାରେ ଗୋଖେଲ ମଧ୍ୟ ଇମ୍ପେରିଆଲ ଆସେମ୍ବ୍ଲିରେ ମାଗଣା ଓ ବାଧ୍ୟତାମୂଳକ ସ୍କୁଲ ଶିକ୍ଷା ବିଲ୍ ଉପସ୍ଥାପନା କରିଥିଲେ ତେବେ ଏହି ବିଲ୍‌କୁ ବିରୋଧ କରାଯାଇଥିଲା। ପରେ ଗାନ୍ଧିଜୀ ଓ ଆମ୍ବେଦକର ସମାନ ଆଉ ଅନିର୍ବାଯ୍ୟ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ୧୯୬୬ ମସିହାରେ କୋଠାରୀ କମିଶନଙ୍କ ନେବର ସ୍କୁଲ ପ୍ରସଙ୍ଗକୁ ଏଠାରେ ଉଲ୍ଲେଖ କରାଯାଇପାରେ। ସେ ସୁପାରିଶ କରିଥିଲେ ଯେ, ନିଜ ଇଲାକାରେ ଏକ ସ୍କୁଲ ହେବ ଯେଉଁ ସ୍କୁଲରେ ସେହି ଇଲାକାର ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ପିଲାଙ୍କୁ ପାଠ ପଢାଇବାକୁ ପଠାଇ ପାରିବେ। ଏହି ସ୍କୁଲରେ ଧନୀ-ଗରିବ, ଜାତି-ଧର୍ମ, ଉଚ୍ଚ-ନୀଚ, ମାଲିକ-ଶ୍ରମିକ, ଜମିଦାର-କୃଷକ ଆଦି ଭେଦଭାବ ରହିବନାହିଁ। ଏଥିସହିତ କୋଠାରୀ କମିଶନ ମଧ୍ୟ କେନ୍ଦ୍ର ବଜେଟ୍‌ର ୧୦ ଭାଗ ଓ ରାଜ୍ୟ ବଜେଟ୍‌ର ୩୦ ଭାଗ ଶିକ୍ଷାକ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିଶ କରିଥିଲେ। କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟ୍‌ର ୪ ଭାଗ ଓ ରାଜ୍ୟ ବଜେଟ୍‌ର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ। ଲୋକନାୟକ ଜୟପ୍ରକାଶ ନାରାୟଣ ମଧ୍ୟ କୋଠାରୀ କମିଶନଙ୍କ ସୁପାରିଶ ସପକ୍ଷରେ ମତ ଦେଇଥିଲେ। ଏସବୁ ସତ୍ତ୍ୱେ ଶିକ୍ଷାକ୍ଷେତ୍ରରେ ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ଏବେ ଏପରି ପରିସ୍ଥିତି ହୋଇଛି ଯେ, ପିଲାଙ୍କ ଶିକ୍ଷା କଥା ଉଠିଲେ ପ୍ରଥମେ ମନକୁ ଆସିଥାଏ ସରକାରୀ ସ୍କୁଲ ନା ବେସରକାରୀ ସ୍କୁଲ। ଏଥିସହିତ ସରକାରୀ ଓ ବେସରକାରୀ ସ୍କୁଲ ମଧ୍ୟରେ ତୁଳନା ଆରମ୍ଭ ହୋଇଯାଏ। ସ୍ଥିତି ଓ ସାମର୍ଥ୍ୟ ଅନୁସାରେ ଅଭିଭାବକମାନଙ୍କର ପ୍ରଥମ ପସନ୍ଦ ହୋଇଥାଏ ବେସରକାରୀ ସ୍କୁଲ। ଏହାର ଅନେକ କାରଣ ରହିଛି। ସରକାରୀ ସ୍କୁଲରେ ଭିତ୍ତି ଭୂମିର ଅଭାବ, ଶିକ୍ଷକ ଅଭାବ ଏବଂ ଅନ୍ୟାନ୍ୟ ସବୁଧାସୁଯୋଗର ଅଭାବ ଅଭିଭାବକମାନଙ୍କୁ ବେସରକାରୀ ସ୍କୁଲକୁ ଟାଣି ନେଇଥାଏ।



ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ମୂଳଦୁଆ। ଏହା ଉପରେ ଦେଶର ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ସର୍ବୋପରି ମହାବିଦ୍ୟାଳୟର ଭବିଷ୍ୟତ ନିର୍ଭର କରେ। ମାତ୍ର ରାଜ୍ୟରେ ପ୍ରାଥମିକ ଶିକ୍ଷା ବିଗିଡିବାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ। ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ୨ ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ। ବଳକା ୧ ଲକ୍ଷ ୮ ହଜାର ୪୯୭ ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ ହଜାର ୭୩୬ ଜଣ ନିୟମିତ ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଶିକ୍ଷା ବ୍ୟବସ୍ଥା ଚଳାଇଛନ୍ତି। ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା, କେଉଁଠି ୫ଟି ଶ୍ରେଣୀକୁ ଜଣେ ଶିକ୍ଷକ ତ ଆଉ କେଉଁଠି ୭ଟି ଶ୍ରେଣୀକୁ ଦୁଇ ବା ତିନିଜଣ ଶିକ୍ଷକରେ ସ୍କୁଲ ଚାଲିଛି। ସେହିପରି ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି। ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୂରଣ କରାଯାଇପାରିନାହିଁ। 'ଓପେପା' ତରଫରୁ ମିଳିଥିବା ସୂଚନା ମୁତାବକ ରାଜ୍ୟରେ ଥିବା ମୋଟ ୫୧ ହଜାର ୦୯୪ଟି ସ୍କୁଲ ମଧ୍ୟରୁ ୧୨ ହଜାର ୩୬୪ଟି ସ୍କୁଲରେ ଶୌଚାଳୟ ନାହିଁ। ୫୦ ପ୍ରତିଶତରୁ ଅଧିକ ସ୍କୁଲରେ ବାଳକ ଓ ବାଳିକାଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ ନାହିଁ। ସେହିପରି ୪୧ ହଜାର ୩୮୨ଟି ସ୍କୁଲରେ ଖେଳପଡିଆ ନଥିଲା ବେଳେ ୪୩ ହଜାର ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ନାହିଁ। ୧୨ ହଜାର ୨୦୦ ସ୍କୁଲରେ ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ରୋଷେଇଘର ନଥିଲା ବେଳେ ୧୮ ହଜାର ୫୦୦ ସ୍କୁଲରେ ପାଚେରୀ ନାହିଁ। ସବୁଠାରୁ ପରିତାପର ବିଷୟ ଯେ ୩୫୦ ସ୍କୁଲର ନିଜସ୍ୱ ଘର ନାହିଁ। ଗୋଟିଏ ପଟେ ଶିକ୍ଷକମାନଙ୍କର ଅଭାବ ଓ ଅନ୍ୟପଟେ ଭିତ୍ତିଭୂମିର ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି।

କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ନିମନ୍ତେ ସରକାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ, ପୁଷ୍ଟିକର ଅଣ୍ଡା, ମାଗଣାରେ ପାଠ୍ୟ ପୁସ୍ତକ, ପୋଷାକ ଯୋଗାଇ ଦେଉଛନ୍ତି। ବିଦ୍ୟାଳୟକୁ ସର୍ବାଙ୍ଗସୁନ୍ଦର କରିବା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ସର୍ବଶିକ୍ଷା ଅଭିଯାନ ଦିଗହରା ହୋଇଛି। ସରକାରୀ ସ୍କୁଲର ଏଭଳି ଦୟନୀୟ ସ୍ଥିତି ଯୋଗୁଁ ଅଭିଭାବକମାନେ ଘରୋଇ ସ୍କୁଲ ଉପରେ ଅତି ମାତ୍ରାରେ ନିର୍ଭର କରୁଛନ୍ତି। ଏହି ପରିସ୍ଥିତିକୁ ଲକ୍ଷ୍ୟ କରି ୨୦୧୫ ମସିହାରେ ଆହ୍ଲାବାଦ ହାଇକୋର୍ଟ ଏକ ଐତିହାସିକ ରାୟରେ କହିଥିଲେ ଯେ, ମନ୍ତ୍ରୀ, ଅଫିସର ଓ ସରକାରୀ କର୍ମଚାରୀ ଯେଉଁମାନେ ସରକାରଙ୍କ ରାଜକୋଷରୁ ଦରମା ନେଉଛନ୍ତି ସେମାନଙ୍କ ପିଲାମାନେ ସରକାରୀ ସ୍କୁଲରେ ପଢିବା ବାଧ୍ୟତାମୂଳକ ହେଉ। ଏପରି ହେଲେ ସରକାରୀ ସ୍କୁଲଗୁଡିକରେ ଶିକ୍ଷା ବ୍ୟବସ୍ଥା ସୁଧୁରିଯିବ। ମାତ୍ର ଏହା ହେଲାନାହିଁ।

ରାଜ୍ୟ ସରକାରଙ୍କ ଏହି ଐତିହାସିକ ସଂରକ୍ଷଣ ନିଷ୍ପତ୍ତି ଦ୍ୱାରା ଆର୍ଥିକ ସ୍ତରରେ ଅନୁନ୍ନତ ଓ ଗରିବ ମେଧାବୀ ବିଦ୍ୟାର୍ଥୀ ବୃତ୍ତିଗତ ଶିକ୍ଷା ପାଇବା ସମ୍ଭବ ହୋଇପାରିବ। ମାତ୍ର କେତେକ ମହଲରେ ଏହାକୁ ସ୍ୱାଗତ କରାଯାଇଥିବା ବେଳେ ଆଉ କେତେକ ଏହାର ସଫଳତା ନେଇ ପ୍ରଶ୍ନ ଉଠାଇଛନ୍ତି। କେତେକଙ୍କ ମତରେ ୧୫ ପ୍ରତିଶତ ସଂରକ୍ଷଣ ଲୋଭରେ କ'ଣ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସରକାରୀ ସ୍କୁଲରେ ପଢାଇବାକୁ ଆଗ୍ରହୀ ହେବେ! ସେହିପରି ସବୁ ପିଲା କ'ଣ କେବଳ ଡାକ୍ତର ବା ଇଞ୍ଜିନିୟରିଂ ପଢିବାକୁ ଚାହାଁନ୍ତି କି? ଅଭିଭାବକ ତଥା ବିଭିନ୍ନ ପିଲାଙ୍କର ଭିନ୍ନ ଭିନ୍ନ ରୁଚି ରହିଛି। ବିଶେଷକରି ଯେଉଁଠି ଗୁଣାତ୍ମକ ମାନର ଶିକ୍ଷା ମିଳିବ, ବାପା-ମାଆ ନିଶ୍ଚେ ସେହି ସ୍କୁଲରେ ପିଲାଙ୍କୁ ପଢାଇବାକୁ ଚାହିଁବେ। ତେଣୁ ଆମ ସରକାରୀ ସ୍କୁଲଗୁଡିକରେ ଭିତ୍ତିଭୂମି ଓ ପାଠପଢାର ମାନ ବୃଦ୍ଧି ଦିଗରେ ସରକାର ଯଦି ଚେଷ୍ଟା କରନ୍ତେ, ତାହାହେଲେ ସ୍ୱତଃ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସରକାରୀ ସ୍କୁଲରେ ପଢାଇବାକୁ ଅଧିକ ପସନ୍ଦ କରନ୍ତେ। ତା' ନହେଲେ କେବଳ ୧୫ ପ୍ରତିଶତ ସଂରକ୍ଷଣ ପିଲାଙ୍କୁ ସରକାରୀ ସ୍କୁଲକୁ ଟାଣିଆଣିପାରିବ ନାହିଁ!

**ହିମାଂଶୁଶେଖର ଆଚାର୍ଯ୍ୟ**
*ଅବସରପ୍ରାପ୍ତ ଅଧ୍ୟାପକ, ତିର୍ତ୍ତୋଲ, ଜଗତସିଂହପୁର, ମୋ- ୯୯୩୭୧୫୧୦୫୨*

# ଡ଼. ହରେକୃଷ୍ଣ ମହତାବଙ୍କ ଦ୍ୱାରା ରଚିତ 'ଓଡିଶା ଇତିହାସ' ହିନ୍ଦୀ ଅନୁବାଦ ପୁସ୍ତକ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ



ବ୍ରହ୍ମପୁର (ପିଏନ୍): ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି ବୋଲି ଡ଼. ହରେକୃଷ୍ଣ ମହତାବ ଫାଉଣ୍ଡେସନ ଆନୁକୂଲ୍ୟରେ ଡ଼. ହରେକୃଷ୍ଣ ମହତାବଙ୍କ ଦ୍ୱାରା ରଚିତ 'ଓଡିଶା ଇତିହାସ' (ଓଡ଼ିଆରୁ ହିନ୍ଦୀ ଅନୁବାଦିତ) ପୁସ୍ତକକୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ମଧ୍ୟାହ୍ନରେ ନୂଆଦିଲ୍ଲୀ ସ୍ଥିତ ଡ଼.ଆମ୍ବେଦକର ଇଣ୍ଟରନେସନାଲ ସେଣ୍ଟର ଠାରେ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରି ଓଡିଶା ଇତିହାସ ସମ୍ପର୍କରେ ସମଗ୍ର ଦେଶ ଅବଗତ ହୋଇପାରିବ ବୋଲି କହିଥିଲେ। ସେ କହିଥିଲେ ଯେ ଡ଼. ହରେକୃଷ୍ଣ ମହତାବ ଜଣେ ବିଚକ୍ଷଣ ରାଜନୈତିକ ନେତା ସହିତ ସ୍ୱାଧିନତା ସଂଗ୍ରାମ, ଲବଣ ସତ୍ୟାଗ୍ରହ, ଭାରତ ଛାଡ଼ ଆନ୍ଦୋଳନ ଏବଂ ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଅତୁଳନୀୟ। ଭାରତର ବିକାଶ କ୍ଷେତ୍ରରେ ପଶ୍ଚିମାଞ୍ଚଳ ରାଜ୍ୟଗୁଡିକ ଆଗୁଆ ଥିବାବେଳେ ପୂର୍ବାଞ୍ଚଳ ରାଜ୍ୟ ଗୁଡିକରେ ଯଥେଷ୍ଟ ପରିମାଣର ପ୍ରାକୃତିକ ସମ୍ପଦ ଭରପୁର ରହିଥିଲେ ମଧ୍ୟ ସେଗୁଡିକର ବିନିଯୋଗ ସଠିକ ଭାବେ ନ ହୋଇପାରୁଥିବା ହେତୁ ବିକାଶର ଶୀଥିଳତା ଦେଖାଦେଇଛି।

ଓଡିଶା ପ୍ରତି ମୋର ସ୍ୱତନ୍ତ୍ର ଦୃଷ୍ଟି ରହିଛି। ବ୍ରହ୍ମପୁରରେ ଆଇଜର, ନାଇଜର, ସମ୍ବଲପୁରରେ ଆଇଆଇଏମ ଭଳି କେନ୍ଦ୍ରୀୟ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ପାଇଁ ଯଥେଷ୍ଟ କେନ୍ଦ୍ରୀୟ ପଦକ୍ଷେପ ନିଆଯାଇଛି। ଡ଼. ହରେକୃଷ୍ଣ ମହତାବ ଏହିଭଳି ଜଣେ ବ୍ୟକ୍ତିତ୍ୱ ଯିଏକି ସ୍ୱାଧୀନତା ସଂଗ୍ରାମରେ ବହୁବର୍ଷ କାରାବରଣ କରିଥିବା ବେଳେ ପୁଣି ସ୍ୱାଧୀନତା ପ୍ରାପ୍ତି ପରେ ଜରୁରୀ କାଳୀନ ପରିସ୍ଥିତିରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢେଇ କରି ଦୀର୍ଘ ସମୟ କାରାବରଣ କରିଥିଲେ।

ମହତାବଙ୍କ ସହିତ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ଚକରା ବିଷୋୟୀ, ଦୋହରା ବିଷୋୟୀ ଏବଂ କୋରାପୁଟର ଲକ୍ଷ୍ମଣ ନାୟକ, ବାଜି ରାଉତଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱାଧୀନତା ପାଇଁ ପ୍ରାଣବଳୀ ଦେଇଥିଲେ। ଓଡ଼ିଶାର ଇତିହାସ ବାଣିଜ୍ୟ କ୍ଷେତ୍ରରେ ପୃଥିବୀର କୋଣ ଅନୁକୋଣରେ ତାହାର ପ୍ରତିଭା ବିକଶିତ କରିଥିବା ପ୍ରମାଣ ଅଦ୍ୟାବଧି ମହଜୁଦ ଦେଖିବାକୁ ମିଳେ ଅନେକ ଦେଶରେ।

ତେଣୁ ଭାରତର ଇତିହାସ ବିଷୟ ଆଲୋଚନାକୁ ନିଆଯିବା ବେଳେ ଓଡିଶା ଇତିହାସର ଗୋଟିଏ ସ୍ୱତନ୍ତ୍ର ସ୍ଥାନ ରହିଥିବା ସ୍ୱୀକାର୍ଯ୍ୟ। ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ଡ଼. ହରେକୃଷ୍ଣ ମହତାବଙ୍କ ଦ୍ୱାରା ରଚିତ ଓଡିଶା ଇତିହାସର ହିନ୍ଦୀ ଅନୁବାଦ ପୁସ୍ତକକୁ ଉନ୍ମୋଚନ କରି ନିଜକୁ ଧନ୍ୟ ମନେ କରିଥିବା ବିଷୟ ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଉତ୍କଳ କେଶରୀ ଡ଼. ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରି ଓଡିଶା ଇତିହାସର ହିନ୍ଦୀ ଅନୁବାଦ ପୁସ୍ତକକୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଥିବାରୁ ତାଙ୍କପ୍ରତି କୃତଜ୍ଞତା ଜଣାଇଥିଲେ। ହରେକୃଷ୍ଣ ମହତାବ ଫାଉଣ୍ଡେସନର ଅଧ୍ୟକ୍ଷ ତଥା କଟକ ସାଂସଦ ଭର୍ତ୍ତୃହରି ମହତାବ ଓଡିଶା ଇତିହାସ ସମ୍ପର୍କରେ ସୂଚନା ଦେବା ସହ ଶଙ୍କର ଲାଲ ପୁରୋହିତଙ୍କ ଦ୍ୱାରା ଏହି ହିନ୍ଦୀ ଅନୁବାଦ ପୁସ୍ତକକୁ ଲୋକାଦୃତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚନ ହୋଇଥିବାରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସାଧୁବାଦ ଜଣାଇଥିଲେ।

ଏ ସମ୍ପର୍କରେ ସ୍ଥାନୀୟ ହୋଟେଲ ମୋତିଠାରେ ନୂଆଦିଲ୍ଲୀରୁ ସିଧା ପ୍ରସାରଣ କାର୍ଯ୍ୟକ୍ରମ ପୂର୍ବରୁ ଏକ ସଭା ବରିଷ୍ଠ ଭେଷଜବିତ୍ ତଥା ସମାଜସେବୀ ପ୍ରଫେସର ଡ଼ା. ପିସି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କାର୍ଯ୍ୟକ୍ରମର ସଂଯୋଜକ ତଥା ବରିଷ୍ଠ ସାମ୍ବାଦିକ ରବି ରଥ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଡ଼. ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଦକ୍ଷିଣ ଓଡ଼ିଶା ଇତିହାସ କଂଗ୍ରେସର ସଭାପତି ପ୍ରଫେସର ମଦନ ମୋହନ ମହାପାତ୍ର, ଐତିହାସିକ ତଥା ନାଟ୍ୟକାର ମେଜର ରମାରମଣ ପାଢ଼ୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ଅବସରପ୍ରାପ୍ତ ପ୍ରଫେସର ରଘୁନାଥ ପାଢ଼ୀଶର୍ମା ପ୍ରମୁଖ ଡ଼. ମହତାବଙ୍କ ବିଭିନ୍ନ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସହରର ବିଭିନ୍ନ ସ୍ଥାନରୁ ଶତାଧିକ ବିଶିଷ୍ଟ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଆମ ଗାଁ ସାହିତ୍ୟ ପରିଷଦର ଭ୍ରାମ୍ୟମାଣ ସାହିତ୍ୟ ସଭା ଓ କବିତା ପାଠୋତ୍ସବ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମର ଶିବ ମନ୍ଦିର ପରିସରରେ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଏକ ଭ୍ରାମ୍ୟମାଣ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ନାଟ୍ୟକାର ସଂଜୟ କୁମାର ମଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାହିତ୍ୟସଭାରେ ଅବସରପ୍ରାପ୍ତ ପ୍ରଫେସର ଡ଼ଃ. ସୂର୍ଯ୍ୟମଣୀ ପଣ୍ଡା ମୁଖ୍ୟଅତିଥି, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ମେଜର ଭରତ ଚନ୍ଦ୍ର ଜେନା, ଆଇନଜୀବି ପ୍ରଦୀପ କୁମାର ଦାଶ ଓ ବାସ୍ତୁ ବିଜ୍ଞାନୀ ନାରାୟଣ ପତି ପ୍ରମୁଖ ଯୋଗଦେଇ କବିତାର ସୁନ୍ଦର ଶବ୍ଦ ସଂଯୋଜନା ଓ ସମାଜର ନିଖୁଣ ଚିତ୍ର ପରିପୃଷ୍ଟ ହେଲେ ଏହା ଅଧିକ ଶ୍ରୁତିମଧୁର ଓ ଗ୍ରହଣୀୟ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସଂପାଦକ ସ୍ୱପ୍ନାଂଶୁ କୁମାର ଦାସ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ଯୋଗଗୁରୁ ସଂଜୟ କୁମାରେ ମଥାନ ବେଦପାଠ କରିଥିଲେ। ଶିକ୍ଷାବୀତ ସୁବାଷ କୁମାର ମାହାଳି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରବଚକ ଶରତ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ଼ଃ. ଅଭୟ କୁମାର ରାଉତ, ଈଶ୍ୱର ଚନ୍ଦ୍ର ପୃଷ୍ଟି ଓ ନିରୁପମା ଦାସଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମନ୍ମଥନାଥ ବରାଳ, ଅଜୟ କୁମାର ପାତ୍ର, ଭରତ ଚରଣ ସାହୁ, ରଞ୍ଜନ ବାଇ, ରାମକୃଷ୍ଣ ଦାଶ, ଅପର୍ତ୍ତୀ ସେଠୀ, ସୁବାଷ ପାତ୍ର, ରଘୁନାଥ ସାହୁ, ଡ଼ଃ. ରତ୍ନାକର ମଲ୍ଲିକ, ଗଗନବିହାରୀ ସିଂ, ସାବିତ୍ରୀ ମହାରଣା, ପରମାନନ୍ଦ ଥାଟୋଇ, ବର୍ଷାରାଣୀ ବରାଳ ପ୍ରମୁଖ ୪୦ରୁ ଉର୍ଦ୍ଧ୍ୱ କବି ଓ କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ତୁଳସୀ କଳଚରାଲ ଆସୋସିଏସନ ଭଳି ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକ୍ରମରେ ନିଖୁଣ କଳା ପ୍ରଦର୍ଶନ କରିଥିବାରୁ ଅଶୋକ କୁମାର ସାହୁ ଓ କବୟିତ୍ରୀ ଗିତାଞ୍ଜଳୀ ସାହୁଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଟିଟିକାନ୍ତ ନାୟକ ଓ ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦ଦଫା ଦାବି ପୂରଣ ପାଇଁ ଆଶାକର୍ମୀ ଙ୍କ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା (ପିଏନ୍): ନିଖିଳ ଓଡିଶା ଆଶାକର୍ମୀ ସଙ୍ଘର କେନ୍ଦ୍ରାପଡା ଜିଲ୍ଲା କମିଟିର ଏକ ପ୍ରସ୍ତୁତି ବୈଠକ ଗୋପଛକ ଠାରେ ଉପସଭାପତି ସୁକାନ୍ତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ୨ଶହିଦ ଆଶାକର୍ମୀଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲା ସମ୍ପାଦିକା ସାଥି କାନ୍ତିପ୍ରଭା ନାୟକ ବିଗତ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ମହାକାଳପଡାର ସଭାପତି ରଞ୍ଜୁଲତା ବେହେରା, ନନ୍ଦିନୀ ସ୍ୱାଇଁ, କବିତା ସାମଲ, ଭଜହରି ପ୍ରଧାନ, ଅକ୍ଷୟ ମଲ୍ଲିକ, ଅଜୟ ସାମ. ମାନିନି ମଲ୍ଲିକ, ସସ୍ମିତା ବାରିକ ପ୍ରଭୃତି ଆଶାକର୍ମୀମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏ.ଆଇ.ଟି.ୟୁ.ସି. ନେତା ଆଇନଜିବି ରମଣୀରଞ୍ଜନ ରାଉତରାୟ, ସରସ୍ୱତୀ ସ୍ୱାଇଁ, ବନ୍ଦନା ମଲ୍ଲିକ ପ୍ରମୁଖ ଦାବିକୁ ସମର୍ଥନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଯଦି ସରକାର କାମ ଅନୁସାରେ ପ୍ରାପ୍ୟ ପ୍ରଦାନ ନକରନ୍ତି, ଆଶାମାନଙ୍କୁ ପଦୋନ୍ନତି ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି, କରୋନା ସହାୟତା ଦୈନିକ ପାରିଶ୍ରମିକ ବାବଦକୁ ଏକ ହଜାର ଟଙ୍କା ନଦିଅନ୍ତି ପ୍ରଭୃତି ଦଶଦଫା ଦାବିକୁ ନେଇ ଆସନ୍ତା ସୋମବାର ସମସ୍ତ ପିଏଚସିରେ ଦାବିପତ୍ର ପ୍ରଦାନ କରାଯିବ। ଆସନ୍ତା ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହା ପରେ ଦାବି ହାସଲ ନହେଲେ ରାଜ୍ୟ ବ୍ୟାପି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଲୁଥେରାନ ଶିଶୁଯତ୍ନ କେନ୍ଦ୍ରରେ ଦୁଷ୍କର୍ମରୁ ଶିଶୁସନ୍ତାନ ଜନ୍ମ ଘଟଣା: ପୂର୍ବରୁ କିଛି ସଂଗୀନ ଅଭିଯୋଗକୁ ପ୍ରଶାସନ ଚପାଇଦେବାରୁ ଏଭଳି ଘଟଣାର ପୁନରାବୃତ୍ତି

କେନ୍ଦ୍ରାପଡା (ପିଏନ୍): ଲୁଥେରାନ ମହିଳା ସମିତି ଶିଶୁ ଯତ୍ନ କେନ୍ଦ୍ରରେ ଦୁଷ୍କର୍ମରୁ ଶିଶୁ ସନ୍ତାନ ଜନ୍ମ ଘଟଣା ପୂର୍ବରୁ କିଛି ସଂଗୀନ ଅଭିଯୋଗକୁ ପ୍ରଶାସନ ଚପାଇଦେବାରୁ ଏଭଳି ଘଟଣାର ପୁନରାବୃତ୍ତି ହୋଇଛି ବୋଲି ଅଭିଯୋଗ ହୋଇଛି। ଗତ ୨୦୨୦ମସିହା ଫେବୃୟାରୀମାସରେ ସେହିସଂସ୍ଥାର ଜନୈକ ଅନ୍ତେବାସୀ ନାବାଳିକାକୁ ଭୀଷଣ ମାଡମରାଯାଇଥିବା ସମ୍ପର୍କରେ ସଂସ୍ଥାର ସୁପରିନଟେଣ୍ଡେଟ ତତ୍କାଳୀନ କେନ୍ଦ୍ରାପଡା ଶିଶୁ ମଙ୍ଗଳ ସମିତିର ଭାରପ୍ରାପ୍ତ ଅଧକ୍ଷା ସ୍ମିତାଞ୍ଜଳି ମହାପାତ୍ରଙ୍କୁ ଅଭିଯୋଗ କରିଥିଲେ।ସେହି ଅଭିଯୋଗ ଉପରେ ତଦନ୍ତ କରିବାକୁ ଅଧକ୍ଷା ଶ୍ରୀମତୀ ମହାପାତ୍ର ଶିଶୁ ମଙ୍ଗଳ ସମିତିର ସଭ୍ୟ କିଶୋର କୁମାର ସ୍ୱାଇଁ ଓ ଲଳିତାଞ୍ଜଳି ଦାସଙ୍କ ସମେତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପି.ଓ. ଆଇ.ସି. ବାଦଲ ଦାଶ, ପି.ଓ. ଏନ.ଆଇ.ସି. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ଏଲ.ପି.ଓ. ବିବେକାନନ୍ଦ ଅତ୍ତବୁଦ୍ଧିଙ୍କୁ ନେଇ ଗଠିତ ଏକ ଟିମର ନେତୃତ୍ୱ ନେଇ ଯାଇଥିଲେ। ଲୁଥେରାନ ଶିଶୁ ଯତ୍ନ କେନ୍ଦ୍ରରେ ପହଁଚିବା ପରେ ଅଧକ୍ଷା ଶ୍ରୀମତୀ ମହାପାତ୍ର ପିଡିତା ନାବାଳିକା ସମେତ ଅନ୍ୟ କେତେକ ଅନ୍ତେବାସୀଙ୍କ ଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଅନ୍ତେବାସୀମାନଙ୍କ ସମସ୍ତ ଷ୍ଟେଟମେଂଟକୁ ଭିଡିଓ ରେକର୍ଡିଂ ମଧ କରିଥିଲେ। ଏକ ବିଶେଷ ସୁତ୍ରରୁ ପ୍ରକାଶ ଯେ ସଂପୃକ୍ତ ସଂସ୍ଥାର ଜନୈକ ମହିଳା କର୍ମଚାରୀଙ୍କ ସହିତ ଅନ୍ୟ ଜଣେ କର୍ମକର୍ତ୍ତାଙ୍କ ଅନୈତିକ କାର୍ଯ୍ୟକୁ ଅନ୍ତେବାସୀ ନାବାଳିକା ଜଣଙ୍କ ଦେଖିଦେଇଥିବାରୁ ଘଟଣା ସମ୍ପର୍କରେ କାହାରିକୁ ନକହିବା ଉଦେଶ୍ୟରେ ତାକୁ ଭୀଷଣ ମାଡମରାଯାଇଥିଲା। ତଦନ୍ତ ସଂପୂର୍ଣ୍ଣ କରି ସେଠାରୁ ଫେରିଆସିବା ପରେ ସେହି ଅଭିଯୋଗ ଉପରେ ତାଙ୍କର ତଦନ୍ତ ରିପୋର୍ଟ ସହିତ ଭିଡିଓ ରେକର୍ଡିଂର ଏକ ସିଡି ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଶ୍ରୀ ବର୍ମା ତଦନ୍ତ ରିପୋର୍ଟକୁ ଅନୁଧ୍ୟାନ କରି ସେ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଦ୍ୟାବଧି ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ନିର୍ଦ୍ଦେଶ ମତେ ଏ.ଡି.ଏମ. ଶ୍ରୀ ରାଉତଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥରବା ବେଳେ ଏ.ଡି.ଏମ. ଶ୍ରୀ ରାଉତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ଚିନ୍ମୟୀ ରଥଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା କହୁଥିବା ବେଳେ ତଦନ୍ତ ହୋଇଛି କି ନାହିଁ ସେ ସମ୍ପର୍କରେ ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ପାଖରେ କିଛି ସୂଚନା ନଥିବା କହିଛନ୍ତି। ଅନ୍ୟ ପକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ତଦନ୍ତ ହୋଇଥିଲା କିନ୍ତୁ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ତାଙ୍କର ମନେନଥିବା କହିଛନ୍ତି। କିନ୍ତୁ ପ୍ରକୃତ ପକ୍ଷେ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ନିର୍ଦ୍ଦେଶରେ ଉପଯୁକ୍ତ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ଜଣେ ଭାରପ୍ରାପ୍ତ ଶିଶୁ ମଙ୍ଗଳ ସମିତି ଅଧକ୍ଷା ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ତାଙ୍କର ତଦନ୍ତ ରିପୋର୍ଟ ଓ ତଦନ୍ତର ଭିଡିଓ ରେକର୍ଡିଂ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ପରେ ଏବଂ ବାରମ୍ବାର ଲୁଥେରାନ ଶିଶୁ ଯତ୍ନ କେନ୍ଦ୍ରରେ ରହୁଥିରବା ଅନାଥ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ଶିସୁ ସୁରକ୍ଷା ଅଧିକାରୀଙ୍କୁ ସେହି ଘଟଣାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅବଗତ କରିଥିଲେବି ପ୍ରଶାସନ ପକ୍ଷରୁ କୌଣସି ତ୍ୱରିତ ପଦକ୍ଷେପ ଗ୍ରହଣ କରାନଯାଇ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଯଦି ପ୍ରସାସନ ସେହି ଘଟଣାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତା ତେବେ ସେହି ଭଳି ଅନ୍ୟ ଏକ ଘଟଣା ଆଜି ଘଟିନଥାନ୍ତା ବୋଲି କୁହାଯାଉଛି। ଏତଦବ୍ୟତିତ ସେହି ଘଟଣାକୁ ଚପାଇଦେବା ଉଦେଶ୍ୟରେ ଅଧକ୍ଷାଙ୍କୁ ଘଟଣା ସମ୍ପର୍କରେ କହିଥିବା ଅନ୍ତେବାସୀ ଓ ସଂପୃକ୍ତ ପିଡିତାଙ୍କୁ ଶିସୁ ଯତ୍ନ କେନ୍ଦ୍ରରୁ ବାହାର କରିଦିଆଯାଇଥିବା ଅଭିଯୋଗ ହୋଇଛି। ପ୍ରତିମାସରେ ଏକାଧିକ ଥର ବିଭିନ୍ନ ତଦନ୍ତ ଓ ପରିଦର୍ଶନ ଆଳରେ ସେହି ଶିଶୁ ଯତ୍ନ କେନ୍ଦ୍ରକୁ ଯାଉଥିବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପିଓ ଆଇସି ସମସ୍ତ ଘଟଣା ସମ୍ପର୍କରେ ଜାଣି ମଧ ଘଟଣା ସବୁକୁ ଚପାଇ ଦେବାରେ ସହଯୋଗ କରିଥିବା ଅଭିଯୋଗ ହୋଇଛି। ସଂପୃକ୍ତ ଶିଶୁ ଯତ୍ନ କେନ୍ଦ୍ର ସମେତ ଜିଲ୍ଲାର ଅନ୍ୟ ଶିଶୁ ଯତ୍ନ କେନ୍ଦ୍ର ଗୁଡିକରେ ଅନ୍ତେବାସୀଙ୍କ ସୁରକ୍ଷା ସଂପୂର୍ଣ୍ଣ ଢିଲା ଓ ଅସୁରକ୍ଷିତ ହୋଇପଡିଥିବା ଅଭିଯୋଗ ହୋଇଛି। ଏସମସ୍ତ ଅଭିଯୋଗର ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଦ୍ୱାରା ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ ସଂପୃକ୍ତ ସଂସ୍ଥାର ଜଣେ କର୍ମଚାରୀଙ୍କ ସହ ବାରମ୍ବାର ଦୁଷ୍କର୍ମରୁ ଶିଶୁ ପୁତ୍ର ଜନ୍ମ ହୋଇଥିବା ଘଟଣାର ତଦନ୍ତ ପାଇଁ ସୋମବାର ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ କେନ୍ଦ୍ରାପଡାର ଲୁଥେରାନ ମହିଳା ସମିତିକୁ ଆସୁଥିବା ସୂଚନା ମିଳିଛି।

ପର୍ଯ୍ୟବେକ୍ଷକ
PARYABEKHYAK



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

## ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଜୁଲାଇ ୧୦**

# କରୁଣାମୟୀ ଗୁରୁମା - ସୁଶ୍ରୀ ସୁବର୍ଣ୍ଣମାଳା

ଧନ୍ୟ ଏ ବିଶ୍ୱ । ଧନ୍ୟ ତାର ସୃଷ୍ଟି , ଧନ୍ୟ ସେ ସ୍ରଷ୍ଟା । ବିଶ୍ୱ ନିୟନ୍ତାଙ୍କ ର କରାଳ କାଳରେ ବିଲୀନ ହୁଅନ୍ତି କେତେ ମନୁଷ୍ୟ ,ପଶୁ , ବୃକ୍ଷଲତା , କୀଟପତଙ୍ଗ । ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର , ସୁନ୍ଦର କମନୀୟ , ନମନୀୟ ପ୍ରାଣ । ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଈଶ୍ୱର ଙ୍କ ପ୍ରଥମ ସୋପାନରେ ଆମ ମନୁଷ୍ୟ ସମାଜ । ମନୁଷ୍ୟର ପକୃତି ଓ ଆକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଭିନ୍ନ ।



ସେହି ଭିନ୍ନ ଭିନ୍ନ ଭିତରେ ପରିମାପ କରିବା ପାଇଁ ରହିଛି ଅନନ୍ତ ଆକାଶ । ମାପକାଠି ମଧ୍ୟରେ ଅନିତ୍ୟ ଅସାର କ୍ଷଣଭଙ୍ଗୁର ମାୟାମୋହ ସଂସାର ସାଗର କୁ ପାରି କରିବା ପାଇଁ ଗୁରୁ ଓ ଗୁରୁମା ହିଁ ବାଟ ଦେଖାନ୍ତି । ସେହି କରୁଣାମୟୀ ଗୁରୁମାଙ୍କ କୃପାରୁ ଆମେ ସମସ୍ତେ ଦୁଇପାଦ ଆଗେଇ ଥାଉ । ବିନା ସ୍ୱାର୍ଥରେ ବିନା ଦ୍ୱିଧାରେ ଯାହାଙ୍କ ପ୍ରତି ସ୍ୱର୍ଶରେ ଆମେ ଆଲୋକିତ । ଛାତ୍ର ସମାଜ ଶୃଖଂଳିତ ସେହି ଗୁରୁମା ସୁଶ୍ରୀ ସୁବର୍ଣ୍ଣମାଳା ବିଷୋୟୀ ଯୋଗୁ ଯାହାକୁ ଆମେ ଭୁଲିପାରିବୁନି । ସେ ଦୂର ଦିଗବଳୟ ଆରପାରିର ଚନ୍ଦ୍ରମା ତାଙ୍କରୀ ଜ୍ୟୋସ୍ନାରେ ଆଲୋକିତ ମହକିତ ,ଉଲ୍ଲସିତ ଧରାପୃଷ୍ଠ । ଦେଶ ନୂତନ ସ୍ୱାଧିନତାର ସ୍ୱାଦ ଚାଖୁଥାଏ । ସେହି ସମୟରେ ଏକ ମହାନ ସମାଜସେବୀକା , ଶିକ୍ଷାଦାତ୍ରୀ ,ପ୍ରବନ୍ଧିକା , କବିୟତ୍ରୀ ,ସଂଗଠିକା ୧୯୪୯ ମସିହା ଏପ୍ରିଲ ୨୯ ତାରିଖ ଦିନ ଗାମ ଜିଲ୍ଲାର ଛତ୍ରପୁର ସହରରେ ପିତା ହରିପ୍ରସାଦ ବିଷୋୟୀ ଓ ମାତା କାଚଂନମାଳା ଙ୍କ କୋଳ ମଣ୍ଡନ କରିଥିଲେ । ସୁଶ୍ରୀ ସୁବର୍ଣ୍ଣମାଳା ବିଷୋୟୀ ପିଲା ବେଲୁ ସେ ଧର୍ଯ୍ୟଶିଳା ଓ ସାହାସିକତା ର ପ୍ରତୀକ ଥିଲେ । ସେ କେବେ ଭାଙ୍ଗି ପଡୁ ନ ଥିଲେ ଦୁଃଖ ଓ ଯାତନାରେ । କୋରାପୁଟର ଗୁଣୁପୁରରେ ବିଦ୍ୟାଳୟ ଶିକ୍ଷା ସମାପନ ପରେ ଜୟପୁର ମହାବିଦ୍ୟାଳୟ ରୁ ଉଦ୍ଭିଦ ବିଜ୍ଞାନରେ ବି.ଏସ.ସି ଡ଼ିଗ୍ରୀ ହାସଲ କରିଥିଲେ । ଖଲିକୋଟ ରୁ ବି.ଇଡ଼ି , ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରୁ ଉଦ୍ଭିଦ ବିଜ୍ଞାନରେ ଏମ.ଏସ.ସି ଏବଂ ପ୍ଲବିକ୍ ଆଡମିଷ୍ଟସନରେ ଏମ.ଏ ରେ କୃତିତ୍ୱ ଅର୍ଜନ କରିଥିଲେ ।୧୯୭୨ ମସିହାରେ ବ୍ରହ୍ମପୁର ମ୍ୟୁନିସିପାଲଟି ବାଳିକା ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷୟିତ୍ରୀ ଭାବରେ ଯୋଗ ଦେଲେ । ବିଭିନ୍ନ ସରକାରୀ ଚାକିରି କୁ ପଦାଘାତ କରି ପିଲା ମାନଙ୍କୁ ମାଗଣାରେ ଶିକ୍ଷା ଦାନ କରିବା ଥିଲା ତାଙ୍କର ଏକ ନିଶା । ସବୁବେଳେ ତାଙ୍କର ହସହସ ମୁହଁ , ପରକୁ ଆପଣାର କରି ଦେବାର କଳା । ସ ର୍ବ ପ ରି ନିଃସ୍ୱର୍ଥପର ଜନସେବା ଯୋଗୁ ସେ ସମାଜରେ ଶିକ୍ଷାର କେନ୍ଦ୍ର ବିନ୍ଦୁ ପାଲଟିଥିଲେ । ବ୍ର ହ୍ମ ପୁ ର ମୁ ନି ସି ପା ଲ ଟି ବିଦ୍ୟାଳୟ ଛାଡ଼ି ସେ ୧୯୮୭ ମସିହରେ କୋରାପୁଟ ର ସୁନାବେଢ଼ା ର ଏ ରୋ ନେ ଟି କ୍ ବା ଳି କା ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ଭାବେ ଯୋଗ ଦେଲେ । କୋରାପୁଟ ର ସୁନାବେଢ଼ା ର ଛାତ୍ରୀ ମାନଙ୍କ ପାଇଁ ସେ ଆଦର୍ଶ ପାଲଟି ଗଲେ । ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ନିଃସ୍ୱାର୍ଥପର ଭଲପାଇବା ଯୋଗୁ ତାଙ୍କର ଆବର୍ତମାନ ବିଭିନ୍ନ ଅଚଂଳବାସୀଙ୍କୁ ବ୍ୟଥିତ କରିଥିଲା । ସାତଭଉଣୀ ଓ ଦୁଇଭାଇଙ୍କ ମଧ୍ୟରେ ସେ ଥିଲେ ବଡ଼ଭଉଣୀ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭଉଣୀ ଓ ୨ ଭାଇ ଅଧ୍ୟାପନ ଓ ଶିକ୍ଷକତା କରୁଥିଲେ । ଯେପରୀ ସମାଜ ରେ ଏକ ଶିକ୍ଷାର ମାହଲ ତିଆରି କରିଥିଲେ । ସୁଶ୍ରୀ ସୁବର୍ଣ୍ଣମାଳା ପିଲା ମାନଙ୍କୁ ଭଲମଣିଷ କରି ଗଢ଼ିତୋଳିବା ସହିତ ବିଭିନ୍ନ ଅନୁଷ୍ଠାନ ସହିତ ଯୋଡ଼ି ହୋଇ ଯାଇଥିଲେ । ତାଙ୍କ ଦ୍ୱାରା ନିର୍ମିତ , ମହିଳା ସମିତି , ଯୁବକସଂଘ , ବିଭିନ୍ନ ପ୍ରଥମିକ ,ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହିତ ଉଚ୍ଚବିଦ୍ୟାଳୟ ଓ ମହା ବିଦ୍ୟାଳୟ ଗଠନ ଇତ୍ୟାଦିରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ଅନେକ ସଫଳତା ମଧ୍ୟରେ କେତେକ ବିଫଳତା ତାଙ୍କୁ ଖୁବ୍ ବ୍ୟଥିତ କରୁଥିଲା । ତାଙ୍କର ଲେଖନି ମୁନରେ ବହୁ କବିତା ଗଳ୍ପ ଓ ପ୍ରବନ୍ଧ ଅତି ଉଚ୍ଚ କୋଟିର ଥିଲା । ତାଙ୍କର ରଚିତ ବହୁ ପୁସ୍ତକ ମଧ୍ୟରୁ ନ୍ତକଥା ସେହି ସବୁ ଦିନ'' ଏକ ଉଚ୍ଚକୋଟିର ଗଳ୍ପସମ୍ଭାର । ସମାଜର ସେବା , ଭାଇଭଉଣୀ ମାନଙ୍କୁ ମଣିଷ କରିବା ଓ ଲେଖନି ଚାଳନାରେ ନିଜକୁ ହଜାଇଦେବାରୁ ସେ ଅବିଭାଇତ ରହି ଯାଇଥିଲେ । ସୁଶ୍ରୀ ସୁବର୍ଣ୍ଣମାଳା ଜ୍ଞାନ ଗୁଣ ପ୍ରଦାନ କରିବାରେ ପଥପ୍ରଦର୍ଶକ ଥିଲେ । ଗୁରୁ ମା ରୁପେ ସେ ହର୍ତା-କର୍ତା ଦଇବ ବିଧାତା । ସତେ ଯେପରୀ ସାବିତ୍ରୀ , ଗାୟତ୍ରୀ ଓ ସରସ୍ୱତୀ । ତାଙ୍କ ଆର୍ଶିବାଦ ରେ ମାଟି ହୁଏ ସୁନା , ପୁଣି ପଥର ହୁଏ ହୀରା । ଗୁରୁମା ଆମର ଚିର ବନ୍ଦନୀୟ ଓ ନମସ୍ୟ । ସମୟର ସ୍ରେତରେ ମଣିଷ ପରିବର୍ତନ ଆଣି ପାରିଛି । ସେ ଗୁରୁକୁଳର ଆଦର୍ଶ ପରମ୍ପାରା କୁ ପାଥେୟ କରି ବହୁଦିନ ପ୍ରଧାନ ଶିକ୍ଷତ୍ରୀ ଭାବେ ଦାୟିତ୍ୱରେ ରହି ଛାତ୍ରୀ ମାନଙ୍କୁ ସୁନ୍ଦର ମଣିଷଟିଏ ହେବାକୁ ପ୍ରେରଣା ଦେଇଥିଲେ । ଶିକ୍ଷା କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ସେ ଭାରତ ସରକାର ଙ୍କ ଠାରୁ ଜାତୀୟ ପୁରସ୍କାର ଓ ଓଡ଼ିଶା ସରକାର ଙ୍କ ଠାରୁ ରାଜ୍ୟ ପୁରସ୍କାର ପାଇଥିଲେ । ସେ ୨୦୦୭ ମସିହାରେ ଅବସର ଗ୍ରହଣ କରି ସମାଜ ସେବା କରିବା ପାଇଁ ବିଜେଡ଼ିରେ ଯୋଗ ଦେଇ ଗାମ ଜିଲ୍ଲା ମହିଳା ସଂଗଠନ ର ଉପସଭାନେତ୍ରୀ ହୋଇଥିଲେ । ଏହି ଭଳି ଏକ ସମାଜ ସେବୀକା ଶିକ୍ଷାବିତ ,ପ୍ରଧାନ ଶିକ୍ଷୟତ୍ରୀ ଙ୍କ ୭୨ ବର୍ଷ ବୟଷରେ କର୍ମମୟ ଜୀବନର ଅବସାନ ଘଟିଲା । ସେହି ଦିନ ଥିଲା ୨୦୨୧ ମସିହା ଜୁନ ମାସ ୨୯ ତାରିଖ ମଙ୍ଗଳବାର । ମାତ୍ର ତାଙ୍କର ବିରଳ ପ୍ରତିଭା ତାଙ୍କୁ ଅମର କରି ରଖିବ । ତାଙ୍କ ସୁନାମର ସୁମନ ,ସୁବାସ ମହକିତ କରୁଥିବ ଏମାଟିକୁ ...।



**ଅକ୍ଷୟ କୁମାର ରାଉତ**

ପାରାଦ୍ୱୀପଗଡ଼ , କୁଜଙ୍ଗ,
ଜଗତସିଂହପୁର
ମୋ-୯୯୩୭୬୯୧୪୭୫

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# କୁଶବିଦ୍ଧ କୃଷିସଂସ୍କୃତି

କୃଷି ହିଁ କୃଷ୍ଟି । ଇତିହାସ ଇସାରା କରିଥାଏ ଯେ କାସ୍ପିୟାନ ହ୍ରଦକୂଳରୁ ହିମାଦ୍ରି-ବିନ୍ଧ୍ୟାଦ୍ରି-ସହ୍ୟାଦ୍ରି-ଶେଷାଦ୍ରିର ପୁଣ୍ୟଭୂମି ଭାରତକୁ ଆସିଥିଲେ ଆର୍ଯ୍ୟମାନେ । ଏଇଠି ହିଁ ସେମାନେ ଆଦିମ ଅଧିବାସୀ, ବନବାସୀ ଓ ଦ୍ରାବିଡ଼ମାନଙ୍କ ସହିତ ସାମିଲ ହୋଇଗଲେ ଏକ ମହାଭାରତୀୟ ଜନସ୍ରୋତରେ । ଚାରଣ କ୍ଷେତ୍ରରୁ କୃଷିକ୍ଷେତ୍ର - ସଭ୍ୟତାରୁ ସଂସ୍କୃତି - ଏଇଠି ଭାରତ ହେଲା ଆଗାମୀ ମାନବସଭ୍ୟତାର ଏନ୍ତୁଡ଼ିଶାଳ । ଚୀନ୍ ଓ ଜାପାନ୍ ମ୍ଭ ଏଇ କୃଷିକୁ କେନ୍ଦ୍ରବିନ୍ଦୁ କରି କୃଷ୍ଟି ଚରନା କଲେ । ଏସିଆ ମହାଦେଶର ଏଇ ଏନ୍ତୁଡ଼ିଶାଳକୁ ଅନ୍ୟ ମହାଦେଶୀୟ, ବିଦେଶୀୟ ବଣିକତନ୍ତ୍ରର ବିତ୍ତବୁଭୁକ୍ଷୁ ଶିଳ୍ପସଂସ୍ଥାନଗୁଡ଼ିକ ଆଜି କିନ୍ତୁ ମଶାଣିପଦା କରିବା ମତଲବରେ ବ୍ୟସ୍ତ । ଆମର ଦେଶୀ ଶିଳ୍ପର ସୌଦାଗରମାନେ ମ୍ଭ ସେମାନଙ୍କ ମାୟାରେ ବାୟା - ମଣିଷ ଓ ମୂଲ୍ୟବୋଧ ଉପରୁ ଆଖି ଟେ'ରାଇ ସେମାନେ ମୁନା'। ଓ ମୂଲ୍ୟ ଉପରେ ଲାଖ ବିନ୍ଧୁଛନ୍ତି ।ସମୟ ଥିଲା, ଏତେ କଳକାରଖାନା କି ଯନ୍ତ୍ରଶିଳ୍ପ ନ ଥିଲା - ଥିଲା କେବଳ କୌଳିକ କର୍ମଆଧାରିତ କୁଟୀରଶିଳ୍ପ । ଲୋକେ ସେତେବେଳେ ମଣିଷ ଥିଲେ। ମାଟିକୁ ମା'ମଣି ଚାଷକରି ଖାଦ୍ୟ ଉତ୍ପାଦନ କରି ବଂଚୁଥିଲେ । ଶିଳ୍ପବିପ୍ଳବ ପରେ କୃଷି ଧୀରେ ଧୀରେ କ୍ଷୟିଷ୍ଣୁ ହେବାକୁ ଆରମ୍ଭ କଲା । ଯନ୍ତ୍ର ସାହାଯ୍ୟରେ କୃତ୍ରିମ ଉପାୟରେ ଖାଦ୍ୟ ଉତ୍ପାଦନ ହେଲା । କୃଷିକ୍ଷେତ୍ରରେ ନିଯୁକ୍ତ ଶ୍ରମଜୀବୀମାନେ ବାଧ୍ୟ ହୋଇ ଶିଳ୍ପକ୍ଷେତ୍ରରେ ନିଯୁକ୍ତିପ୍ରାପ୍ତି ପାଇଁ ସହରାଭିମୁଖୀ ହେଲେ । ଗାଁ ହେଲା ଖାଁ ଖାଁ । ହୁତ୍ରା, ହିତ, ହାଡ଼ର ହାହାକାର ଆଉ ହା' ଅନ୍ନର ଆର୍ତନାଦରେ ହଜିଗଲା ସରଳ ସବୁଜ ସ୍ୱପ୍ନ - ସ୍ୱଚ୍ଛନ୍ଦ, ସ୍ୱତଃସ୍ଫୂର୍ତ ଜୀବନ ।ଧୀରେ ଧୀରେ ଦେଶୀବିହନ, ଜୈବିକସାର ଲୋପପାଇ ବିଦେଶୀ ବିହନ, ବିଦେଶୀସାର ପ୍ରବେଶ କଲା । ସବୁଜ ବିପ୍ଳବର ମେଢ ଦେଖାଇ ଦିଆଗଲା । ଅଧିକ ଅମଳ ପାଇଁ କୀଟନାଶକ, ବିଷାକ୍ତ ସାର ଜମିରେ ପ୍ରୟୋଗ କରାଗଲା - ମାଟି ହରାଇବସିଲା ନିଜର ମହଜୁଦ ଉର୍ବରତା । 'ସଲ ହେଲା ବିଷାକ୍ତ । ଏତେ ରୋଗ ନ ଥିଲା - ବିଷାକ୍ତ ଖାଦ୍ୟ ଖାଇ ଲୋକେ ରୋଗାକ୍ରାନ୍ତ ହେଲେ ଏଣେ ଲୋକଜୀବନ ଓ ଲୋକସଂସ୍କୃତିର ଲୋକସାନି କରାଇ ତେଣେ ଦେଶୀବିଦେଶୀ କମ୍ପାନୀମାନେ କୋଟି କୋଟି ଟଙ୍କା ଲାଭ କଲେ । କୃଷିଭିତିକ ସଂସ୍କୃତିର ମେରୁହାଡ଼ ଦୋହଲିଗଲା - ମାନସିକତା ଭାଙ୍ଗିଗଲା । କୃଷକ ହେଲା କରାଳ କ୍ଳେଶର କଂଟକରେ କୁଶବିଦ୍ଧ ।ଆଜି ଅସଲ ଚାଷୀ କାନ୍ଦୁଛି 'ଗୁଙ୍ଗୁଲା 'ଟାଭୂଇଁରେ ଆଉ ଶୁନଶାନ୍ କ୍ଷେତରେ ।

ଉପରେ ଧୂମଛାୟାଚ୍ଛନ୍ନ ଆକାଶ, ତଳେ ଚୁଲିନାହିଁ କି ଚାଳ ନାହିଁ- ଚାଷୀ ବସିଛି ବାଟ ଚାହିଁ । ନକଲି ଚିନାବାଦାମ, ଧାନ ଓ ଗହମ, ମକା, ସୂର୍ଯ୍ୟମୁଖୀ, ହଳଦୀ, ଅଦା, ସୋରିଷ, ବିରି, ମୁଗ - ବିହନ ଦୁର୍ନୀତିରୁ ଆରମ୍ଭ କରି ଅଭାବୀ ଧାନର ବିକ୍ରିପର୍ଯ୍ୟନ୍ତ ସରକାରୀ ମହାଦୁର୍ନୀତିର ନାଗ'ାଶରେ ଓଡ଼ିଶା ଚାଷୀର ଭବିଷ୍ୟତ ନୟାନ୍ତଭାବରେ ଅଣନିଃଶ୍ୱାସୀ । କମଳାରଂଗର ଗ୍ରହ ଆମର ଏ ପୃଥିବୀରେ ଚାଷୀର ଜୀବନ ଆଜି କାମଳଗ୍ରସ୍ତ । ଶୀତଳ ଭଣ୍ଡାରରେ ଶସ୍ୟ ସଂରକ୍ଷଣ ବେଳେ ବିଚରା ଅରକ୍ଷିତ ଚାଷୀର ଜୀବନ ଗ୍ୟାସ୍ ଚାମ୍ବରରେ ।ରାଜରାସ୍ତାରେ ଚାଷୀ ଆନ୍ଦୋଳନ ଚାଲିଥିଲା ବେଳେ ବିଧାନସଭାରେ ମ୍ଭ ଚାଷୀ ସମସ୍ୟା ନେଇ ହଜାରେ ହୋହାଲ୍ଲା । ରାଜରାସ୍ତାରେ ଅସଲ ଚାଷୀ ଆନ୍ଦୋଳନର ରଙ୍ଗ ଧୂଳିଧୂସର, ବିଧାନସଭାରେ ଚାଷୀଙ୍କ ପାଇଁ ରଣହୁଂକାର ଶେଷରେ କୁମ୍ଭୀର କାନ୍ଦଣାରେ ମୁଖର । ବିଧାନସଭା ଅଚଳ । ଶାସକ ଓ ବିରୋଧୀ ଦଳଙ୍କ ବୁଝାମଣାରେ ଚାଷ ଓ ଚାଷୀଙ୍କ ସମସ୍ୟା ସିନା ଆଲୋଚନା ହେଉଛି, କିନ୍ତୁ ବାଟ ଟିୁ ନାହିଁ କିଛି । ଆଲୋଚନାରେ ଯେଉଁମାନେ ଭାଗନେଲେ ଜଣେ ଦି'ଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କର ଚାଷ ଓ ଚାଷୀଙ୍କ ସମସ୍ୟା ସଂପର୍କରେ ଅନଭିଜ୍ଞତା ସ୍ପଷ୍ଟ ପ୍ରକଟିତ । ମଣ୍ଡି ଖୋଲୁନି, ବିହନ ଯୋଗାଣରେ ହେରଫେ'ର, 'ସଲବୀମା କ୍ଷତି ପୂରଣ ପାଇବାରୁ ବଂଚିତ, ଜଳସେଚନର ଅଭାବ, ପ୍ରାକୃତିକ ବିପର୍ଯ୍ୟୟ ପ୍ରମୁଖ ବିଷୟବସ୍ତୁ ଉପରେ ବାସ୍ତବ ଜ୍ଞାନ ଅଭାବରୁ ଜନପ୍ରତିନିଧିମାନେ ମୂଳସମସ୍ୟାର ସମାଧାନ ସୂତ୍ର ବାହାର କରିପାରୁନାହାନ୍ତି । ଏପର୍ଯ୍ୟନ୍ତ ସରକାର ମ୍ଭ ଆଦର୍ଶ କୃଷିନୀତିଟିଏ ପ୍ରଣୟନ କରିପାରିଲେ ନାହିଁ ।ଗରିବମାନଙ୍କ ଗଡ଼ଜାତ, ଗାଉଁଲୀମାନଙ୍କ ଗାଆଁ, ମୂର୍ଖମାନଙ୍କ ମ'ସଲ, ମୂଢ଼ମାନଙ୍କ ମୋଗଲବନ୍ଦି, ଜନଜାତିମାନଙ୍କ ଜଂଗଲ ଜମିକୁ ନେଇ ସମୁଦ୍ରଠାରୁ ପାହାଡ଼ ପର୍ଯ୍ୟନ୍ତ ପ୍ରସାରିତ ଏକ ପ୍ରବଂଚିତ ପ୍ରକୃତିପ୍ରତିମା ଏ ଓଡ଼ିଶାଭୂଇଁ । କେନ୍ଦୁପତ୍ରଠୁ କୁନ୍ଦପୁଷ୍ପଯାଏଁ, ତାଳବଣେଇଠୁ ଶାଳବଣଯାଏଁ, ଘାଟଘେରିଠୁ ଘାଟିମୁଲକଯାଏଁ ବାଟିବାଟି ବିଲବାସ୍ମାର ବିହ୍ୱଳ ଭୂଚିତ୍ରଟିଏ ଏ ଓଡ଼ିଶା । ଏଠି ଖଣି ଅଛି, ମଣି ଅଛି, କ୍ଷେତ ଅଛି, ନେତ ଅଛି, ନଦୀ ଅଛି, ବେଦୀ ଅଛି, ମଠ ଅଛି, ପୀଠ ଅଛି, ମୂର୍ତି ଅଛି, କୀର୍ତି ଅଛି- ନାହିଁ କ'ଣ ? ନାହିଁ ଖାଲି ମନ । ଓଡ଼ିଶାକୁ ଓଡ଼ିଆମାନଙ୍କର ବୁକୁଭରି ଭଲପାଇବାର ଭରପୂର ମନ ।ଓଡ଼ିଶାକୁ ମହାଜନମାନେ ଏବେବି ଅଣ୍ଡାଳି ଚାଲିଛନ୍ତି ଖାତକର ଖତଗଦାରେ । ବେଠି-ବେକାରି-ବେରୋଜଗାରିରେ ବେଦମ୍ ଏ ବାଦାମୀ ଭୂଇଁ । ଝଡ଼ି-ବଢ଼ି-ମରୁଡ଼ିରେ ଝୋଲାମରା ଏ ଖୋଲାମାଟି । ବନ୍ଧ ନାହିଁ, ବାଡ଼ ନାହିଁ- ନଈନାଳର ଏ ନୁଆଣିଆ ନୈରାଜ୍ୟରେ । କେନ୍ଦ୍ରର କବାଟ ସାମ୍ନାରେ କରୁଣ କେନ୍ଦରା ବଜାଉଥିବା ନାଥଯୋଗୀର ଅନାଥ ଅଂତଃସ୍ୱର ପରି ମନେହୁଏ ଆମର ରାଜନୀତିକ 'ରୁଦାଲି'ମାନଙ୍କର ବାହୁନାସବୁ । ଆମର ଏ ଅନ୍ନପୂର୍ଣ୍ଣା ମାଆ ଓଡ଼ିଶାମାଟି ୧୪୭ ବିଧାୟକଙ୍କ ସୌଖିନ ଡ୍ରଇଂରୁମର କାନ୍ଥରେ କ'ଣ କେବଳ ଫିମ୍ପିମରା ପଟଚିତ୍ର ? ମହାପାତ୍ରମାନଙ୍କ ମାର୍ବଲ ମହଲଗୁଡ଼ାକରେ ଟଙ୍ଗାହୋଇ ଜଳକା ଜନତାର ଆଖିଆଗେ ଝୁଲିରହିଥିବା ମୌନ ମାନଚିତ୍ର ? ଭୋକର ଭୂ-ଚିତ୍ର ?ଖଣିଜ ସଂପଦକୁ ସ'ଳ ପରିଚାଳନା କଲେ ଆମ ଓଡ଼ିଶା ଯେଉଁଳି ଏକନମ୍ବର ଧନୀ ରାଜ୍ୟରେ ପରିଣତ ହୁଅନ୍ତା, ସେଇଭଳି ଆମ 'ଟାଭୂଇଁରେ ପାଣିଢାଳିଲେ, ଚାଷ ଓ ଚାଷୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେଲେ - ନିଶ୍ଚିତ ଏକନମ୍ବର ସ୍ୱାବଲମ୍ବୀ ରାଜ୍ୟ ହୋଇପାରନ୍ତା ଏ ସବୁ କରିନପାରିଲେ, ଚାଷ ଉଜୁଡ଼ିଗଲେ, ଚାଷଜମି ଜୋରଜବରଦସ୍ତ ବଂଧୁକମୂନରେ ଦଖଲ କରି ମାଳମାଳ କାରଖାନା ଗଢ଼ିତୋଳିଲେ କେବଳ କେଇଖଣ୍ଡି କୁଟୀର ଥିବ; କିନ୍ତୁ ନଥିବ



**ମାୟାଧର ନାୟକ**

କୁଟୀରଶିଳ୍ପ । ବିସ୍ଥାପିତବର୍ଗ ଥିବେ, ମାତ୍ର ନ ଥିବେ ଶ୍ରମ-ସଂସ୍କୃତିର କର୍ମକୁଶଳୀ ସ୍ୱାପୟିତାବର୍ଗ । ଏବେ କଳକାରଖାନାଗୁଡ଼ିକରେ ଛଟେଇର ଛାଟମାଡ଼ ସାଙ୍ଗକୁ ଶିଳ୍ପରେ ମାନ୍ଦାବସ୍ଥାଭ ଯଙ୍କର ଭାବେ ଦେଖାଦେଇଥିବାରୁ ପୁଣି ସହରାଭିମୁଖୀ ଶ୍ରମଜୀବୀ କୃଷିକାର୍ଯ୍ୟକୁ ଆପଣାଇ ନେବା ହଠାତ୍ ସମ୍ଭବ ନୁହେଁ । ତେବେ ବଂଚିବା ପାଇଁ ପରିସ୍ଥିତିକୁ ଆପଣେଇ ନେଇ ସରକାରଙ୍କୁ ବାଧ୍ୟ କରିବାକୁ ହେବ ରାଜକୋଷରୁ ଆଖିବୁଜା ଅର୍ଥ ମୁକୁଳାଇ କୃଷିଜଳସେଚନରେ ଖର୍ଚ୍ଚ କର । ନୂଆ କେନାଲ ଖୋଳ, ପୁରୁଣା କେନାଲ, ପୋତିହୋଇ ଯାଇଥିବା ନଦୀନାଳକୁ ସଜାଡ଼ । ଜଳସେଚନ ହେଲେ ଟାଙ୍ଗରାଭୂଇଁ ସବୁଜ ହୋଇଉଠିବ ପୁଣି ପର୍ଯ୍ୟାପ୍ତ ଖାଦ୍ୟ ଉତ୍ପାଦନ ହୋଇ ଅନ୍ତତଃ ଲୋକେ ଦି'ଓଳି ଦି'ମୁଠା ଖାଇବାକୁ ପାଇବେଯଦି ଏକ ସୁସ୍ଥ ସମାଜର କେନ୍ଦ୍ରବିନ୍ଦୁ କୃଷକର କୃତିକୁ ନେଇ ସୃଷ୍ଟି କରାଯାଏ, ତା'ହେଲେ ସଭ୍ୟତା ଓ ସଂସ୍କୃତି ସୁରକ୍ଷିତ ରହିବା ଦିଗରେ କୌଣସି ଶ୍ରେଣୀଶତ୍ରୁର ସଇତାନି ସକ୍ରିୟ ହୋଇ ପାରିବ ନାହିଁ । କୃଷକମାନେ ମାଟିର ମଣିଷ କେବଳ ନୁହଁନ୍ତି, ସେମାନେ ସ୍ୱାଭାବିକ ଭାବେ ଜନସମାଜର ଜାଗ୍ରତ ପ୍ରହରୀ ।ପ୍ରାସଙ୍ଗିକ ଭାବରେ ଏଠାରେ ମହାଭାରତର ଏକ ଉଲ୍ଲେଖନୀୟ ଉଦାହରଣ ଉପସ୍ଥାପନ କରୁଛି । ଅନ୍ଧ ଧୃତରାଷ୍ଟ୍ରଙ୍କୁ ମନାଇ ଧନସଂପଦଲେଭୀ ତାଙ୍କର କ୍ଷମତାନ୍ଧ ପୁତ୍ରମାନେ ଖଳବୁଦ୍ଧିର ଖେଳ ଖେଳି ରାଜ୍ୟଭାଗବଂଟା ଆରମ୍ଭ କରାଇଲେ । ସେମାନେ ସମୃଦ୍ଧିସଂପନ୍ନ ହସ୍ତିନାପୁରକୁ ହାତେଇନେଲେ ଆଉ ଧୃତରାଷ୍ଟ୍ର କୋମଳବଚନ କହି ପଣ୍ଡୁପୁତ୍ରମାନଙ୍କୁ ପଠାଇଦେଲେ ଖାଣ୍ଡବପ୍ରସ୍ଥ - ଶିଳାକଙ୍କରମୟ ଆରଣ୍ୟକ ଅପନ୍ତରାକୁ । ଅଥଚ ପରମସଖା କୃଷ୍ଣଙ୍କ ସୂକ୍ଷ୍ମବିଚାରବୁଦ୍ଧିର ତାତ୍ତ୍ୱିକ ଦିଗକୁ ପ୍ରାୟୋଗିକ ପରିଣତି ଦେଇ ପାଣ୍ଡବମାନେ ଖାଣ୍ଡବପ୍ରସ୍ଥର ସେଇ ପ୍ରତିକୂଳ ପରିବେଶକୁ ପ୍ରତିହତ କରି ରଚନା କଲେ ଈର୍ଷଣୀୟ ଇନ୍ଦ୍ରପ୍ରସ୍ଥ ! ହସ୍ତିନାର ଭବ୍ୟସଭ୍ୟତା ଇନ୍ଦ୍ରପ୍ରସ୍ଥର ନବ୍ୟସଂସ୍କୃତି ଆଗରେ ମଥା ନୁଆଁଇଲା ।ଏହି ମହାଭାରତୀୟ ସନ୍ଦେଶରେ ଆମ ପାଇଁ ପ୍ରଚ୍ଛନ୍ନ ରହିଛି ସଂସ୍କୃତି ନିର୍ମାଣର ସୂକ୍ଷ୍ମସୂତ୍ର । କଳକାରଖାନାକୁ ଜମି ଯୋଗାଣ ନାଆଁରେ ଚାଷଜମିକୁ ଚଲୁ କରିନଦେଇ, ଔଷଧୀୟ ବୃକ୍ଷଲତାର ବିରଳ ଭୂକ୍ଷେତ୍ରଗୁଡ଼ିକୁ ବଳି ନ ପକାଇ, ଧାନ-ପାନ-ମୀନର ମହାଧରିତ୍ରୀକୁ କମ୍ପାନୀ-କୁବେରମାନଙ୍କ ହାତକୁ ବଢ଼ାଇ ନ ଦେଇ ରାଷ୍ଟ୍ରଶାସକ ଶିଳ୍ପବିସ୍ତାର ନିମନ୍ତେ ଅନ୍ୟୋପାୟ ଅବଲମ୍ବନ କରନ୍ତୁ । ଚାଷ ନାଶ ନ ହେଉ - ଚାଷୀ ଛିନ୍ନବାସୀ ନ ହେଉ - ଦେଶକୁ ବିଦେଶରୁ ଅନ୍ନବସ୍ତ୍ର ଆମଦାନୀ କରିବାର ଲଜ୍ଜା ଓ ଲାଞ୍ଛନାର ଦୁର୍ଯୋଗ ଭୋଗିବାକୁ ନ ପଡୁ । ପରିବେଶ ପ୍ରଦୂଷିତ ହୋଇ ଦେଶବାସୀ ବ୍ୟାଧିତ ବିଭୀଷିକାର ବିଷାକ୍ତ ବାତାବରଣରେ ଅକାଳ ବାର୍ଦ୍ଧକ୍ୟଗ୍ରସ୍ତ ହୋଇ ନ ପଡ଼ନ୍ତୁ । ବିଦେଶରୁ ଆଗେ ଖାଦ୍ୟ ଆସିବା ସହିତ ପରେ ପଥ୍ୟ ବି ଆସିବ, ଇଏ ବି କଣ କମ୍ ଲାଞ୍ଛନା ! ବିଦେଶୀ କମ୍ପାନୀଗୁଡ଼ିକର ଔଷଧ କ୍ରୟ ପାଇଁ କଂକାଳସାର ଦେଶବାସୀ ଗରାଖ ଧାଡ଼ିରେ ଛିଡ଼ାହୋଇ ଅପେକ୍ଷା କରିବାର ଆସନ୍ନ ଅଭିଶାପରୁ ଦୂରରେ ରହନ୍ତୁ ।ଆମର ଆଦର୍ଶ - ଏକ ଭବ୍ୟ ଭବିଷ୍ଣୁ ଭାରତବର୍ଷ । ଏ ଭାରତ ମାଲିକଶ୍ରେଣୀର 'ଅଦର୍ ଇଣ୍ଡିଆ' ନୁହେଁ, ଭାଇଭାଇ ଡାକି ଭଗାରୀ ଭଣ୍ଡମାନଙ୍କର 'ବ୍ରଦର୍ ଇଣ୍ଡିଆ' ନୁହେଁ କିମ୍ବା ଫିଲ୍ମବାଲାଙ୍କ 'ମଦର ଇଣ୍ଡିଆ' ନୁହେଁ - ବରଂ ମାମୁଲି ମଣିଷମାନଙ୍କର 'ମାଆ' ଏହାର ନୀତି ହେଉ 'ବସୁଧୈବ କୁଟୁମ୍ବକଂ' - ଭିତି ହେଉ ସଂସ୍କୃତି ସୁରକ୍ଷାର ସଂକଳ୍ପ । ଏହାର ମୂଳବୀଜ ହେଉଛି କୃଷିଭିତିକ କୃଷ୍ଟି - ଯାହା ଏ ଦେଶର ସ୍ୱଭାବସିଦ୍ଧ ସ୍ୱଧର୍ମ - ମୂଳ ଚରିତ୍ର ।ଆମେ କିନ୍ତୁ ଏବେ କେଉଁଠି ? ଇନ୍ଦ୍ରପ୍ରସ୍ଥକୁ ପୁନରାୟ ଖାଣ୍ଡବପ୍ରସ୍ଥରେ ପରିଣତ କରିବାର ବିଷବିଳୟିତ ବ୍ୟବସ୍ଥା ଭିତରେ ବନ୍ଦୀ କେବଳ ! ଏ ଦେଶରେ ଦେଶୀ ବିହନ ଖୋଜନ୍ତୁ - କାଁ ଭାଁ କେଉଁଠି କେଉଁ ନାଁ-ନଜଣା ଗାଁ କି ଦୂର ମୁଲକରେ ମିଳିଲେ ମିଳିପାରେ - ନ ହେଲେ ଆଦିବାସୀର କରୁଣ କୁଡ଼ିଆଘରେ ! ବିଦେଶୀ ବିହନ, ବିଦେଶୀ ରାସାୟନିକ ସାରର ଚକ୍ରବ୍ୟୂହରେ ଆମ ଦେଶୀ ଚାଷର ଦୁଃସ୍ଥ ଦୁନିଆ ପ୍ରାୟ ଛିନ୍ନଛତ୍ର, ତଳିତଳାନ୍ତ ! ସୁତରାଂ କୃଷିସଂସ୍କୃତିର ଆଶୁ ପୁନରୁଦ୍ଧାର ହିଁ ଆଜିର ଆହ୍ୱାନ - 'ସଲର 'ଟାଭୂଇଁରେ ଏ ଆହ୍ୱାନ ଅମୃତଧାରା ସିଂଚନ କରିବାର ଅସଲ ଅନ୍ତଃସ୍ୱର ।କୁଶବିଦ୍ଧ କୃଷକଶ୍ରେଣୀ ଯେପରି ରକ୍ତାକ୍ତ ଯୀଶୁର ଯନ୍ତ୍ରଣା ଭିତରେ ବି ଆମପରି ଅପର୍ଯ୍ୟାପ୍ତ ଅପକର୍ମାବର୍ଗଙ୍କୁ କ୍ଷମା କରିଚାଲିଛି - ଆମର କୃଷିବିମୁଖ ଆଜିର ସମାଜବ୍ୟବସ୍ଥା ମ୍ଭରେ ଆମେ କ'ଣ ଏତିକି ସୁଦ୍ଧା ବୁଝିବାରେ ଅପାରଗ ନା ଜାଣିସିଆଣା ଜହ୍ଲାଦବର୍ଗ ? କୃଷି ସହିତ କୃଷ୍ଟିର ମହାମଙ୍ଗଳକର ମିଶ୍ରରାଗ ମୂର୍ଚ୍ଛିତ ହେଉ ଏଇ ମୁହୂର୍ତରୁ - ବିଳମ୍ବରେ ବିପର୍ଯ୍ୟୟ !

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ବାତ୍ୟା ନିରୋଧ ଓ ରାଜ୍ୟର ଆର୍ଥିକ ସ୍ଥିତି

ପ୍ରମୁଖ ଦୈନିକ ସମ୍ବାଦପତ୍ର ସମାଜର ଗତ ନ' ତାରିଖରେ ପ୍ରକାଶିତ ଲେଖା ପାଠକରି କିଛି ପାଠକ ନିଜର ମତାମତ ଚିଠି ଓ ଟେଲିଫୋନ ମାଧ୍ୟମରେ ଜଣାଇଲେ । ସେମାନେ ସାଧାରଣ ପାଠକ ଥିଲେ । ପୂର୍ବଲେଖା ଗୁଡ଼ିକ ଅପେକ୍ଷା ଏ ଲେଖାରେ ଅଧିକ ମତାମତ ଆସିଥିଲା । ସେଥିରେ ଚାରି ପାଞ୍ଚଟି ମତରେ ଆଶଙ୍କା ଥିବା ବାରି ହୋଇ ଯାଉଥିଲା । ପ୍ରଶ୍ନ ଭିତରେ ମୁଖ୍ୟତଃ ଥିଲା ଯେ, ଏହା ଏକ ବିରାଟ ପ୍ରକଳ୍ପ - ସରୁ ସରୁ କେତେବର୍ଷ ଲାଗିବ କିଏ କହିବ ? ଏଥିରେ ଗୁଡ଼ାଏ ଟଙ୍କା ବ୍ୟୟ ହେବ । କୋଉଠୁ ଆସିବ ଏତେ ଟଙ୍କା ? ବଜେଟ୍‌ରେ ଅନ୍ୟାନ୍ୟ ଖର୍ଚ୍ଚ ତ ପୁଣି ଅଛି । ଜଣେ ପାଠକ ଅଧିକ ସଂଶୟମନରେ କହି ପକାଇଲେ, ଏହି ଲେଖାଟି ଭଲ ହୋଇଛି, ତଥାପି ଅବାସ୍ତବ ଲାଗୁଛି । ଟିକେ ଉପରଠଉରିଆ ଓ ରାଜନୈତିକ ଦୃଷ୍ଟି କୋଣରୁ ହୋଇଥିବା ପରି ମନେ ହୁଏ । ସବୁମତାମତ ନିଶ୍ଚୟ ଯଥାର୍ଥ । ମତାମତଗୁଡ଼ିକରୁ ବୁଝାପଡୁଛି ଯେ, ବୋଧହୁଏ ପାଠକକୁ ବୁଝାଇବାରେ ପୂର୍ବଲେଖାଟି ପୂର୍ଣ୍ଣ ସମର୍ଥ ହୋଇନାହିଁ । ବିଶେଷତଃ ବଡ଼ ପ୍ରକଳ୍ପ, ରାଜ୍ୟର ଆର୍ଥିକ ସ୍ଥିତିକୁ ଲକ୍ଷ୍ୟ କରି ଏହି ଆଶଙ୍କା ପ୍ରକାଶ ପାଇଛି । ଏହା ସତ୍ୟ ଯେ କୌଣସି ଯୋଜନା ସଂପର୍କରେ ବକ୍ତବ୍ୟ ରଖୁଥିବା ଯେ କେହି ବ୍ୟକ୍ତି ଯୋଜନାର ରୂପରେଖ ସହିତ ତା'ର ଆବଶ୍ୟକତା, ସମାପନର କାର୍ଯ୍ୟକାଳ, ସେଥିରେ ହେବାକୁ ଥିବା ଆନୁମାନିକ ଅଟକଳ, ଓ ଯୋଜନା ସଂପୂର୍ଣ୍ଣ ହେଲେ ସେଥିରୁ ଉତ୍ପନ୍ନ ସମସ୍ତ ଲାଭ ତଥା ଆୟ ସଂପର୍କୀତ ସବିଶେଷ ବିବରଣୀ ରଖିବା ଉଚିତ୍ । ନ ରଖିଲେ ଏହା କେବଳ ଏକ ରାଜନୈତିକ ସ୍ଲୋଗାନ ବା ସ୍ୱପ୍ନ ବଣ୍ଟନର ରୂପ ନେଇଥାଏ । ଏଣୁ କିଛି ପାଠକଙ୍କ କଥିତ ଯୋଜନା ବ୍ୟୟ ଓ ସେଥିରୁ ମିଳିବାକୁ ଥିବା ଆୟ ଓ ଉପଯୋଗୀତା ସଂପର୍କରେ ଜ୍ଞାତ ହେବାର ଇଚ୍ଛା ନିଶ୍ଚୟ ସ୍ୱଭାବିକ । ପୂର୍ବ ଲେଖାରେ ଯୋଜନାରେ ଦୁଇଗୋଟି ଉପଯୋଜନାର ସଂଯୋଗୀକରଣ ଯଥା - ତଟବର୍ତ୍ତୀ ସୁଉଚ୍ଚ ସବୁଜ ପ୍ରାଚୀର ଓ ତଟଠାରୁ ୨୦-୨୫ କି.ମି ଦୂରରେ ଗୋଟିଏ ବଡ଼ କେନାଲ ସଂପର୍କରେ ଉଲ୍ଲେଖ ଥିଲା । ରାଜ୍ୟରେ କାର୍ଯ୍ୟରତ ବଡ଼ ବଡ଼ ଶିଳ୍ପ ସଂସ୍ଥା (ଉକ୍ସକ୍ସକ୍ସକ୍ସ-କ୍ସବସ୍ପର ଐକ୍ସଙ୍କସ୍ପର) ମଧ୍ୟରେ ସବୁଜ ପ୍ରାଚୀରର ୨ କି.ମି କରି ବାଣ୍ଟି ଦେବା ସହିତ କୋଷ୍ଟ କେନାଲ ଦାୟୀତ୍ୱ ଉଭୟ କେନ୍ଦ୍ର ଓ ରାଜ୍ୟର ଅଂଶ ରଖି ସାତ ବର୍ଷିଆ ପ୍ୟାକେଜ ଘୋଷିତ ହେବା ଦରକାର । ପ୍ରଥମ ପ୍ରସ୍ତୁତି ବୃକ୍ଷ ରୋପଣ ଓ ରକ୍ଷଣାବେକ୍ଷଣରେ ତଟବର୍ତ୍ତୀ ପାଞ୍ଚଗୋଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ସଂସ୍ଥା (ଘ.ଝ.ଝ.), ପର୍ଯ୍ୟାୟ କ୍ରମେ, କେନ୍ଦ୍ରୀୟ ରିଜର୍ଭ ପୋଲିସ୍, ତଟରକ୍ଷା ବାହିନୀ, ଏନ୍.ସି.ସି., ସ୍କାଉଟ୍ ଗାଇଡ୍ ମାନଙ୍କ ସାହାଯ୍ୟରେ କରାଯିବାର ବ୍ୟବସ୍ଥା ହେବା ଦରକାର । ସବୁଜ ପ୍ରାଚୀର କାର୍ଯ୍ୟପାଇଁ ଆବଶ୍ୟକ ଜମି, ଅଧିଗ୍ରହଣ ମୂଲ୍ୟ ଦେବାକୁ ହେବ ନାହିଁ । ତଟବର୍ତ୍ତି ଦଶ କିଲୋମିଟର ଚଉଡ଼ାର ସମସ୍ତ ଜମି ସରକାରଙ୍କର । ଏଥିପାଇଁ ସରକାରଙ୍କର ଜଙ୍ଗଲ ବିଭାଗ କେବଳ ପର୍ଯ୍ୟାପ୍ତ ପରିମାଣର ଆବଶ୍ୟକତା କିଛି ବୃକ୍ଷ ଯୋଗାଇଦେବେ । ଏହି ବୃକ୍ଷ ପ୍ରସ୍ତୁତିରେ ସରକାରଙ୍କର ବଜେଟ ଉପର ଚାପ ରହିବ ନାହିଁ । ଖଣିଖାଦନ ଅଞ୍ଚଳ ନିମନ୍ତେ ଉଦ୍ଦିଷ୍ଟ ଜିଲ୍ଲା ଉନ୍ନୟନ ଫଣ୍ଡ (ଉସକ୍ସକ୍ସକ୍ସସମସ୍ପ ଗସଭ-ରକ୍ସବକ୍ଷ ଉରଙ୍ଗରକ୍ଷକ୍ଟଙ୍କରଭସ୍ପ ରଙ୍କଭୟ) ମହାତ୍ମାଗାନ୍ଧୀ ନାରେଗା ମଜୁରୀର ସହାୟତା ନେବେ ଓ ଜଙ୍ଗଲ ପ୍ରସ୍ତୁତି ପାଇଁ ଥିବା କାମ୍ପା ଫଣ୍ଡ ନିମନ୍ତେ ଥିବା ଅର୍ଥ ବିନିଯୋଗ ହେବ । ନିଷ୍ଠା ଓ ସଂକଳ୍ପର ସହ କାର୍ଯ୍ୟକଲେ ତଥା ଏଥିସହିତ ଇଚ୍ଛାଶକ୍ତି ସଂଯୋଜିତ କଲେ ପ୍ରାଚୀର ପାଞ୍ଚ ବର୍ଷ ମଧ୍ୟରେ ଛିଡ଼ା ହେବ । ଅନ୍ୟମୁଖ୍ୟ କାର୍ଯ୍ୟଟି ଦୀର୍ଘସ୍ଥାୟୀ କେନ୍ଦ୍ରୀୟ ପ୍ୟାକେଜ୍ କେନ୍ଦ୍ର ଓ ରାଜ୍ୟର ୬୦ - ୪୦ ଅଂଶ ଭାବରେ ପ୍ରସ୍ତୁତ ହେବ । ରାଜ୍ୟ ପାଇଁ ଉଦ୍ଦିଷ୍ଟ ୪୦ ଭାଗରୁ ଜମି ଅଧିଗ୍ରହଣ ହେବ ଏବଂ ୫ ବର୍ଷ ପାଇଁ ମହାତ୍ମାଗାନ୍ଧୀ ନାରେଗା ଯୋଜନାକୁ ସଂଲଗ୍ନ ପଞ୍ଚାୟତ ସବୁକୁ ସଂପୃକ୍ତ କରାଯାଇ ହୋଇପାରିବ । ଏହି ଅଞ୍ଚଳଟି ବାଲିଆ ମାଟି ଅଞ୍ଚଳ ହୋଇଥିବା ହେତୁ କୋଟି କୋଟି ଦିନର ମଜୁରୀ (ଗବଭ ଯବଛସ୍ପ) ସୃଷ୍ଟିକରି ଲକ୍ଷ ଲକ୍ଷ ମଜୁରିଆକୁ ଖଟାଯାଇପାରିବ । ସେମାନେ ଆଉ ଦାଦନ ଖଟିବାକୁ ବାହାରକୁ ଯିବେ ନାହିଁ । ପ୍ରସ୍ତୁତ ହେଉଥିବା ସବୁଜ ବନାନୀ ଭିତରେ ଅଧ ମାଇଲ ଦୂରରେ ଗୋଟିଏ ଗୋଟିଏ ଲମ୍ବା ବାସସ୍ଥଳୀ (ଉକ୍ଟକ୍ସକ୍ତକ୍ଟକ୍ସବସ୍ପର ଐକ୍ଟଙ୍କସ୍ପର) ରଖି ଏମାନଙ୍କୁ ରଖାଯାଇପାରିବ । ଗଞ୍ଜାମରୁ ଆରମ୍ଭ କରି ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଆଦି ଉପକୂଳବର୍ତ୍ତୀ ୩୬ଟି ପଞ୍ଚାୟତକୁ ଏହି କାର୍ଯ୍ୟରେ ଲଗାଯିବ । କିନ୍ତୁ କେନାଲରେ ଥିବା ସମସ୍ତ କଙ୍କ୍ରିଟ କାର୍ଯ୍ୟ ଯଥା ବଡ଼, ଛୋଟ ନଦୀ ଓ ନାଳମାନଙ୍କରେ ଆନିକଟ ଓ ଚେକଡ୍ୟାମ ହେଉ ଥିବା କେନାଲ ଉପରେ ପୋଲ ନିର୍ମାଣ ଦୁଇ ପାଖରେ ପିଚୁରାସ୍ତା ନିର୍ମାଣ କେନ୍ଦ୍ରୀୟ ଅନୁଦାନ ଅର୍ଥରେ ହିଁ ହେବ । ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ଏଥିରେ ଖର୍ଚ୍ଚ ହେବ ଓ ବିପର୍ଯ୍ୟୟ ବଣ୍ଡ ସୃଷ୍ଟି କରାଯାଇ ଅର୍ଥ ଯୋଗାଡ଼ ହୋଇପାରିବ । କୋଷ୍ଟ କେନାଲ ପରିକଳ୍ପନା ବିଦେଶୀ ଶାସକ ଇଂରେଜ ସରକାରଙ୍କ ବେଳେ ହିଁ ଆରମ୍ଭ ହୋଇଥିଲା । ଉତ୍ତରରେ ଦିଘା - ଚନ୍ଦନେଶ୍ୱର ଠାରୁ ଆରମ୍ଭ କରି ଦକ୍ଷିଣରେ ଗୋପାଳପୁର ପର୍ଯ୍ୟନ୍ତ ପ୍ରଶସ୍ତ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଅନେକ ପର୍ଯ୍ୟଟନସ୍ଥଳୀ ଅଛି । ତୀର୍ଥସ୍ଥଳୀ ଓ ମନ୍ଦିର ମାନ ଅଛି, ଗବେଷଣା ଉପଯୋଗୀ କ୍ଷେତ୍ର ଅଛି । ବିସ୍ତୃତ ପର୍ଯ୍ୟଟନ କ୍ଷେତ୍ର ଅଛି । ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର, କୋଣାର୍କ, ରାମଚଣ୍ଡୀ, ମା' ମଙ୍ଗଳା ମନ୍ଦିରରେ, କନିକାଇ, ଧାମରାଇ ଠାକୁରାଣୀ ଓ ଚନ୍ଦନେଶ୍ୱର ଇତ୍ୟାଦି ଦେବସ୍ଥଳୀ ଅଛି, ଯେଉଁଠିକୁ ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଆସିଥାନ୍ତି । ଜାତୀୟତା ଆନ୍ଦୋଳନର ମୁଖ୍ୟ କ୍ଷେତ୍ର ଇଂଚୁଡ଼ି, କୁଜଙ୍ଗ, ଅସ୍ତରଙ୍ଗ ଆଦି ଲବଣ ସତ୍ୟାଗ୍ରହ କ୍ଷେତ୍ର, ପର୍ଯ୍ୟଟନ କ୍ଷେତ୍ର, ଚାନ୍ଦବାଲି, ସାତଭାୟା, ଭିତରକନିକା (ଡାଙ୍ଗାମାଳ) ବତୀଘର, ତାଳଚୁଆଁ, ରାମନଗର, ରାମଚଣ୍ଡୀ, ଅଲେଖ ନାହାକାଣୀ, ପେଶୁ, ବଣପାଟିଆ, ଅମରନାଥ ସାତପେଷା, ଗୋପାଳପୁର, ଦେବୀନଦୀ ମୁହାଣ ନିକଟରେ ଥିବା ବନ୍ଦର ଗାଁ, ଆଦି ଅନେକ ଆକର୍ଷଣ ସୃଷ୍ଟିକରି ତୀର୍ଥ ଓ ପର୍ଯ୍ୟଟନ ସ୍ଥଳୀ ଅଛି । କୁମ୍ଭିରସାଂକ୍‌ଚୁଆରୀ, କଇଁଚସାଂକୁଚୁଆରୀ ସାଙ୍ଗକୁ ନୀଳ କଙ୍କଡ଼ା କ୍ଷେତ୍ର ମଧ୍ୟ ଗବେଷକ ମାନଙ୍କୁ ଆକୃଷ୍ଟ କରିଥାଏ । ଅନେକ ଯାଗା ଅଛି ଯେଉଁଠି ପର୍ଯ୍ୟଟକ ନୌକା ଗୃହରେ ଦିନ ଦିନ ଧରି ରହିବାକୁ ଚାହିଁବେ । ପର୍ଯ୍ୟଟନସ୍ଥଳୀ ସାମାନ୍ୟ ସଜାଡ଼ିଦେଲେ ଦେଶୀ, ବିଦେଶୀ ପର୍ଯ୍ୟଟକମାନେ ଅନେକ ଦିନ ଧରି ରହିବାକୁ ସ୍ଥାନ ପସନ୍ଦ କରିବେ । ପ୍ରତ୍ୟେକ୍ଷ, ପରୋକ୍ଷ ନିଯୁକ୍ତି ବଢ଼ିବ । ଅଧିକନ୍ତୁ ସମୁଦ୍ର ତଟରେ ଟାୱାରମାନ ଗଢ଼ି ଯାତାୟତ କରିବା ନିମନ୍ତେ ରୋପୱୈ ତିଆରି କରି ଛୁଆ ଠାରୁ ବରିଷ୍ଠ ମାନଙ୍କୁ ଆକୃଷ୍ଟ କରା ଯାଇପାରିବ । କରପୋରେଟ୍ ପ୍ଲେୟାର (ଉକ୍ସକ୍ସକ୍ସକ୍ସବସ୍ପର ଚକ୍ଷବଛରକ୍ସ) ମାନଙ୍କ ପାଇଁ ଏହି ସୁଯୋଗ ଖୋଲି ରଖିବା ଦରକାର । ସମୁଦ୍ର ତଟଭାଗର ପରିବେଶ ନଷ୍ଟ ନ କରି ଅଧିକ କୋଳାହଳ ବା ଆବର୍ଜନା ସୃଷ୍ଟି ନ କରି ଗୋଟିଏ ଟାୱାରର ଅନ୍ୟ ଟାୱାରକୁ ଯାତ୍ରା କରିହେବ ଓ ସମୁଦ୍ରର ସମସ୍ତ ସୌନ୍ଦର୍ଯ୍ୟ ଉପଭୋଗ କରିହେବ । ଚିଲିକାରେ ଓ ନିର୍ମିତ କେନାଲରେ ନୌ ବିହାର, ନୌକା, ହୋଟେଲ ରଖାଯାଇପାରିବ । ବିଶ୍ୱ ତମାମ ଧନୀକ ପର୍ଯ୍ୟଟକ ମନୋରଞ୍ଜନ ଓ ଉତ୍ତମ ଜଳବାୟୁ ସନ୍ଧାନରେ ଏଠାକୁ ଆସିବାକୁ ପସନ୍ଦ କରିବେ । ଏହି ସବୁ ଟାୱାର - ହୋଟେଲ ମାନଙ୍କରେ ଉଚ୍ଚମାନର ଓ ମଧ୍ୟମ ଧରଣର ବିଭିନ୍ନ ବର୍ଗର ଯାତ୍ରୀଙ୍କ ପାଇଁ ଷ୍ଟାର ହୋଟେଲ ପ୍ରସ୍ତୁତ ହେବା ସହିତ ବଜାର ନିମନ୍ତେ ମଲ ଏବଂ ଷ୍ଟଲ ବ୍ୟବସ୍ଥା କରାଯାଇପାରିବ । ତଳେ ବାଲି ହରିଣ ସମେତ ଅନେକ ଜୀବଜନ୍ତୁ ଉପରେ ଦେଶ ବିଦେଶାଗତ ଚଢ଼େଇର ମେଳାକୁ ଉପଭୋଗ କରିହେବ । ଟାୱାର ପଥରେ (ଜକ୍ଟକ୍ସର ଙ୍ଗବଛ) ଯାତ୍ରା ହେବ । ସବୁଠାରୁ ବଡ଼ କଥା ହେବ ଏହି ପର୍ଯ୍ୟଟନ ଓ ପରିବହନର ସହାୟକ ହେବ କୋଷ୍ଟ କେନାଲ । ସମସ୍ତେ ଜାଣନ୍ତି ପ୍ରକୃତି ଦତ୍ତ ଜଳବାୟୁ ଓ ଭୌଗଳିକସ୍ଥିତି ଓଡ଼ିଶା ଭୁଖଣ୍ଡ ଆମରାଜ୍ୟ ପାଇଁ ବଡ଼ ସଂପଦ । ତା'ର ଯଥାର୍ଥ ବ୍ୟବହାର ଜାଣି ନଥିବାରୁ ଆମେ ବିପଦରେ ପଡୁଛେ । କିଛି ବର୍ଷ ତଳେ ରାଜ୍ୟର ବାର୍ଷିକ ବୃଷ୍ଟିପାତ ୬୦ ଇଞ୍ଚି ଥିଲା । ଜଳବାୟୁରେ ବିଭ୍ରାଟ ଘଟାଇ ଏହା ୫୪/୫୫ ଇଞ୍ଚିକୁ ବା ବାର୍ଷିକ ହାରାହାରି ୧୪୦୦ ରୁ ୧୫୦୦ ମି.ମିଟରରେ ରହିଛି । ଅବଶ୍ୟ ବିକ୍ଷିପ୍ତ ବର୍ଷା ଓ ଅନୀୟମିତତା କାରଣରୁ ଗୋଟିଏ ଗୋଟିଏ ଅଞ୍ଚଳରେ ଅତିବୃଷ୍ଟି ଓ ଗୋଟିଏ ଗୋଟିଏ ଅଞ୍ଚଳରେ ଅନାବୃଷ୍ଟି ବା ଅଳ୍ପବୃଷ୍ଟି ହୋଇଥାଏ । ତଥାପି ବର୍ଷକୁ ହାରାହାରି ୨୩୧ ବିଲିଅନ କ୍ୟୁବିକ ମିଟର ବର୍ଷାପାଣି ଭୂମି ଉପରେ ପାଇଥାଉ । ଏହାର କିଛି ଅଂଶ ଜଳୀୟ ବାଷ୍ପ ହୋଇ ଉପରକୁ ଯାଏ ଓ କିଛି ଅଂଶ ମାଟି ତଳକୁ ଯାଇ ଭୂତଳ ଜଳସ୍ତରକୁ ସଂଗଠିତ କରିଥାଏ । ଆଉ ସମସ୍ତ ବର୍ଷକର ପ୍ରବାହିତ (ଜକ୍ଙ୍କଭ କ୍ସଲଲ) ଜଳରାଶି ସମୁଦ୍ରକୁ ଚାଲିଯାଏ, ଯାହା ଏ ରାଜ୍ୟର ଏକ ବୃହତ୍ତର ସଂପଦ । ଏହି ବର୍ଷା କେବଳ ବର୍ଷାଦିନେ ଅର୍ଥାତ୍ ଜୁନ୍ ରୁ ସେପ୍ଟେମ୍ବର ମଧ୍ୟରେ ୭୮% ହୋଇଥାଏ ଓ ଅନ୍ୟ ସମୟରେ ମାତ୍ର ୨୨% ହୋଇଥାଏ । ସେଥିମଧ୍ୟରୁ ୫୭% ଜଳ ନଦୀନାଳ ବାଟ ଦେଇ ବର୍ଷାଦିନେ ସମୁଦ୍ରକୁ ବୋହିଯାଇଥାଏ । ଚନ୍ଦନେଶ୍ୱର ଠାରୁ ଗୋପାଳପୁର ମଧ୍ୟରେ ପ୍ରବାହିତ ବଡ଼ନଦୀ ଓ ତା'ର ଶାଖା ନଦୀ ମାନଙ୍କରେ ସମୁଦ୍ରକୁ ବୋହି ଯାଉଥିବା ଜଳରାଶି, ପରିମାଣ ବର୍ଷକୁ ପାଖାପାଖି ୪୫ ବିଲିଅନ କ୍ୟୁବିକ ମିଟର । ବର୍ଷକୁ ୩୬ ବିଲିଅନ କ୍ୟୁବିକ ମିଟର ଜଳ ସମୁଦ୍ରରେ ନ ପକାଇ ବାନ୍ଧି ରଖାଯାଇପାରିବ । ବଡ଼ କେନାଲରେ ପ୍ରବାହିତ ଜଳ ମୁଖ୍ୟତଃ ଜଳମୁଣ୍ଡରେ ମାଟିତଳେ ବିସ୍ତାର ଲାଭ କରୁଥିବା ଲୁଣପାଣିକୁ ରୋକିବ । କେନାଲ ଗୁଡ଼ିକର ତଳମୁଣ୍ଡକୁ ପାଣି ମାଡ଼ି ନଥାଏ । ଏହି କୋଷ୍ଟ କେନାଲ ତଳମୁଣ୍ଡରେ ଜଳସେଚନରେ ସାହାଯ୍ୟ କରିବା ସହିତ - ଭୂତଳ ଜଳସ୍ତରକୁ ମଧୁର ପାଣିରେ ଭରି ଦେଇ ପାନୀୟଜଳ ତଥା ଉଠାଜଳସେଚନରେ ସାହାଯ୍ୟ କରିବ । ୧୯୭୮ ମସିହା ବିଜୁ ଜନତା ଦଳ ଇସ୍ତାହାରରେ ରାଜ୍ୟରେ ଅନ୍ତତଃ ଗୋଟିଏ ଫସଲ ପାଇଁ ସବୁ ଚାଷଜମିକୁ ଜଳ ଯୋଗାଇବାର ପ୍ରତିଶ୍ରୁତି ଦିଆଯାଇଥିଲା । ତାହା ଏପର୍ଯ୍ୟନ୍ତ ୨୨ ବର୍ଷର ଶାସନ କାଳରେ ବି ହୋଇ ନାହିଁ । ବରଂ ପୂର୍ବରୁ ହେଉଥିବା ଜଳସେଚନର ବ୍ୟବସ୍ଥା କେନାଲ ତଳମୁଣ୍ଡରେ ସଂକୁଚିତ ହୋଇଛି । ଏହି ବଡ଼ କେନାଲ ଦ୍ୱାରା ଅନ୍ତତଃ ଏକ ବିସ୍ତୃତ ଅଂଚଳରେ ତିନିଫସଲି ଚାଷ ପାଇଁ ଜଳ ଯୋଗାଣ ହୋଇପାରିବ । କେନ୍ଦ୍ର ସରକାରଙ୍କ 'ସାଗରମାଳା' ଯୋଜନା ବାସ୍ତବ ରୂପ ଦେବାକୁ ଚାହୁଁଥିବା ସମସ୍ତ ବ୍ୟକ୍ତି ସେହି ଅର୍ଥକୁ ଏହି କେନାଲ ଖୋଳାଇବା ଓ ଦୁଇ ପାର୍ଶ୍ୱରେ ଦୁଇ ଆକିଆ ଦୁଇଟି ପ୍ରଶସ୍ତ ରାସ୍ତା ପ୍ରସ୍ତୁତ କରିବା ଅର୍ଥ ବିନିଯୋଗ କରିବା ଦରକାର । ଅଧିକନ୍ତୁ ଏହା ସମୁଦ୍ରତଟ ପ୍ରଦ୍ୟୁଷଣମୁକ୍ତ ହେବାରେ ସାହାଯ୍ୟ କରିବ । କେନାଲ ଓ ସବୁଜ ପ୍ରାଚୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଚାଷୀମାନେ ଧାନ, ପାନ, ମୀନ ଚାଷ ସମେତ ଫଳ ବଗିଚା ପ୍ରସ୍ତୁତ କରିପାରିବେ । କଳାବଜାରୀ, ଚୋରାବେପାରୀମାନେ ସମୁଦ୍ର ପଥରେ ପ୍ରବେଶ କରିବାକୁ ସାହାସ କରିବେ ନାହିଁ । ରାବଣ ସ୍ୱର୍ଗଯାତ୍ରାର ନିଶୁଣୀ ପ୍ରସ୍ତୁତ ଉପାଖ୍ୟାନ ସଂପର୍କରେ ସମସ୍ତେ ସଚେତନ ରହିବା ଦରକାର । ଏହି ଦୁଇ ରାସ୍ତାର ଦୁଇ ପାର୍ଶ୍ୱରେ ଟୋଲଗେଟ୍ ମାଧ୍ୟମରେ ଟୋଲ ଆଦାୟ କରି ସରକାର ତାଙ୍କ ଖର୍ଚ୍ଚର କିଛି ପରିଶୋଧ କରିପାରିବେ । ଲକ୍ଷ ଲକ୍ଷ ରୋଜଗାର ପ୍ରକଳ୍ପ ଆରମ୍ଭ ହେବାଠାରୁ, ଶେଷ ହେବାପରେ ସୃଷ୍ଟି ହେବ । ଓଡ଼ିଶା ଆଉ କେବେବି ତଳସ୍ତରର ରାଜ୍ୟଭାବେ ରହିଥିବା ଅପଖ୍ୟାତି ମୁଣ୍ଡାଇବ ନାହିଁ । ଅନ୍ତତଃ ରାଜ୍ୟ ସରକାର ଏହା ଆଖି ଆଗରେ ରଖି ତୁରନ୍ତ ପ୍ରକଳ୍ପ ପ୍ରସ୍ତୁତ କରିବା ଦରକାର ଓ ନିଜ ଉଦ୍ୟମରେ କାର୍ଯ୍ୟ ଆରମ୍ଭ କରିଦେଇ କେନ୍ଦ୍ର ପାଖରେ ଦାବୀ ଉପସ୍ଥାପନ କଲେ ଚାପ ଅଧିକ ଦୃଢ଼ ହେବ । ଏ ସଂପର୍କରେ ଗୋଟିଏ ଦୃଷ୍ଟାନ୍ତ ଦେବା ଦରକାର । ପାରାଦ୍ୱିପ ବନ୍ଦରକୁ ଏକ ମେଜର ପୋର୍ଟରେ ପରିଣତ କରିବା ଓ ପରିବହନ ବୃଦ୍ଧି ପାଇଁ ରାଜ୍ୟ ନେତା ବିଜୁବାବୁ କେନ୍ଦ୍ରଠାରେ ଦାବୀ କଲେ ମଧ୍ୟ କେନ୍ଦ୍ରୀୟ ଅନୁଦାନରୁ ବଞ୍ଚିତ ହେଲେ । ସେ ନିଜେ କାର୍ଯ୍ୟ ଆରମ୍ଭ କରି କେନ୍ଦ୍ର ହାତରେ ସମର୍ପଣ କଲେ ଓ ଜବାହାରଲାଲ ନେହେରୁ ଓ ଲାଲବାହାଦୁର ଶାସ୍ତ୍ରୀ ବନ୍ଦରର ଉନ୍ନତି କଳ୍ପେ ସମସ୍ତ କାର୍ଯ୍ୟ କଲେ । ଆଜି ପାରାଦ୍ୱିପ ଦେଶର ଅନ୍ୟତମ ଶ୍ରେଷ୍ଠ ବନ୍ଦର ଭାବେ ପରିଚୟ ସୃଷ୍ଟି କରିଛି ।

ଗୋଟିଏ ବଡ଼ ଆଶ୍ଚର୍ଯ୍ୟର କଥା ଦେଖିବାକୁ ମିଳୁଛି ଯେ, କୌଣସି ବୈଷୟିକ ପ୍ରସ୍ତୁତି ଓ ରାଜ୍ୟସ୍ୱାର୍ଥଜନିତ ଲାଭକ୍ଷତିର ହିସାବ ନ ନେଇ ରାଜ୍ୟ ସରକାର କୋଷ୍ଟ ହାଇୱେ ନିର୍ମାଣକୁ କେବଳ ସମର୍ଥନ ଜଣାଉ ନାହାନ୍ତି, ଅଧିକନ୍ତୁ ଏହା ଜଳ ପରିବହନକୁ ସମୃଦ୍ଧ କରିବ ବୋଲି ଯୁକ୍ତି ବାଢ଼ୁଛନ୍ତି । ଏହା କିପରି ହେବ, ଜଣାନାହିଁ । ବରଂ କୋଷ୍ଟ କେନାଲର ଜଳ ପଥରେ ପରିବହନ ସୁଗମ ହେବ । କଣ୍ଟେନର ପରିବହନ ବ୍ୟବସ୍ଥା ଚାଲୁ ହେବ । ଜାତୀୟ ରାଜପଥ ଯେଉଁ ପରିମାଣରେ କ୍ଷତି ଘଟାଇବ ସେହି ପରିମାଣର ବ୍ୟବସାୟିକ ଲାଭ ରାଜ୍ୟ ପାଇଁ ହେବ ନାହିଁ । ସମୁଦ୍ର ପଥର ପରିବହନ କେବଳ ବଡ଼ ବଡ଼ ବେପାରୀ, ଶିଳ୍ପପତି, ଖଣିଜ ସଂପଦ ଲୁଟକାରୀଙ୍କୁ ସହାୟକ ହେବ । ରାଜ୍ୟ ପରିବହନ ମନ୍ତ୍ରି ଏହି କୋଷ୍ଟ ହାଇୱେ ସପକ୍ଷରେ ମତାମତ ଦେବା ପୂର୍ବରୁ ବେପାରୀ ପ୍ରୀତି ଓ ରାଜ୍ୟ ପ୍ରୀତି ଭିତରେ ତଉଲିବା ଉଚିତ୍ ଥିଲା । କେନ୍ଦ୍ର ଓ ରାଜ୍ୟ ସରକାରରେ ଥିବା ଲୋକ ପ୍ରତିନିଧିମାନେ ଅଞ୍ଚଳର ଓ ଲୋକଙ୍କ ଆବଶ୍ୟକତାକୁ ଲକ୍ଷ୍ୟ ରଖି କାର୍ଯ୍ୟ କରିବେ ବୋଲି ଆଶା କରାଯାଏ ।



**ପଞ୍ଚାନନ କାନୁନ୍‌ଗୋ**




# ବର୍ଷ ତମାମ୍ ରାସ୍ତା ଉପରେ ଆଣ୍ଠୁଏ ପାଣି, ପଚାଂୟତ ଅଧିକାରୀ ଚେଇଁ ଶୋଇଛନ୍ତି

ଝୁମ୍ପୁରା: ଝୁମ୍ପୁରା ବ୍ଲକ ର ମୁଖ୍ୟାଳୟରେ ଝୁମ୍ପୁରା ଗ୍ରାମପଚାଂୟତ ଅବସ୍ଥିତ । ୧୪ ଗୋଟି ଓାର୍ଡକୁ ନେଇ ଝୁମ୍ପୁରା ଗ୍ରାପଚାଂୟତ ଗଠିତ । ଝୁମ୍ପୁରା ପଚାଂୟତ ଅଧିନରେ ଝୁମ୍ପୁରା ବଜାର ଅବସ୍ଥିତ । ଝୁମ୍ପୁରା ବଜାରର ମୁଖ୍ୟ ରାସ୍ତା ଠାରୁ ଦୋଳପଡିଆ,ପାତ୍ର ସାହି ଦେଇ ୨୦ ନମ୍ବର ଜାତୀୟ ରାଜପଥ କୁ ସଂଯୋଗ କରୁଥିବା ରାସ୍ତା ଟି ଝୁମ୍ପୁରା ଗ୍ରାମପଚାଂୟତ କାର୍ଯ୍ୟାଳୟ ର ମୁଖ୍ୟ ରାସ୍ତା । ଝୁମ୍ପୁରା ଗ୍ରାପଚାଂୟତ ବିକାଶର ନଗ୍ନ ଚିତ୍ର ଦେଖିବାକୁ ମିଳିଛି ପଚାଂୟତ କାର୍ଯ୍ୟାଳୟର ଉକ୍ତ ମୁଖ୍ୟ ରାସ୍ତାର ଦୋଳପଡିଆ ଠାରେ । ଦୋଳପଡିଆ ଠାରେ ଥିବା ମହାବୀର ଶାଳ ନିକଟରେ ପାନୀୟ ଜଳ ନିମନ୍ତେ ଏକ ନଳକୂପ ଦୀର୍ଘ ବର୍ଷ ହେବ ଖନନ କରାଯାଇଛି । ୪ ନମ୍ବର ଓାର୍ଡ ବାସୀ ସହିତ ପଥଚାରୀ, ଗାଡି ଚାଳକ, ହେଲପର ଏବଂ ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁଥିବା ପଥଚାରୀମାନେ ଉକ୍ତ ନଳକୂପର ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରିଥାନ୍ତି । ବ୍ୟବହାର ପରେ ନଳକୂପର ବଳକା ତଥା ଅଦରକାରୀ ପାଣି କୁ ନିଷ୍କାସନ ବା ଗଚ୍ଛିତ ରଖିବା ନିମନ୍ତେ ପଚାଂୟତ କାର୍ଯ୍ୟାଳୟ ପକ୍ଷରୁ କିମ୍ବା ଗାଁ କଲ୍ୟାଣ ସମିତି ପକ୍ଷରୁ ସୁବ୍ୟବସ୍ଥା କରାଯାଇ ନଥିବାରୁ ଉକ୍ତ ପାଣି ବୋହି ଆସି ରାସ୍ତା ଉପରେ ଜମା ହୋଇ ରହୁଛି । ଦିନେ ନୁହଁ କି ମାସେ ନୁହଁ । ବର୍ଷ ତମାମ୍ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି । ଫଳରେ ଲୋକମାନେ ଯିବା ଆସିବାରେ ଅସୁବିଧା ର ସମ୍ମୁଖୀନ ହେବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା ନେଇ ଅଭିଯୋଗ ହେଉଅଛି । ଉକ୍ତ ରାସ୍ତା ଉପରେ ଶିଶୁ ବିଦ୍ୟାମନ୍ଦିର, ଝୁମ୍ପୁରା ସରକାରୀ ନୋଡାଲ ବିଦ୍ୟାଳୟ, ଶିବ ମନ୍ଦିର, ମହାବୀର ଶାଳ ( ଗ୍ରାମ ଦେବତା ), ରାଧାଗୋବିନ୍ଦ ମନ୍ଦିର, ମେଳଣ ପଡିଆ ଏବଂ ଗ୍ରାମପଚାଂୟତ କାର୍ଯ୍ୟାଳୟ ଅବସ୍ଥିତ । ତେଣୁ ଲୋକମାନେ ପୂଜାପାଠ ତଥା ଛାତ୍ର ଛାତ୍ରୀମାନେ ବିଦ୍ୟାଳୟ କୁ ଯିବାଆସିବା ନିମନ୍ତେ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି । ଏହା ବ୍ୟତିତ ଝୁମ୍ପୁରା ଗ୍ରାମ ପଚାଂୟତର ୪,୫ ଓ ୯ ନମ୍ବର ଓାର୍ଡବାସୀ ସହିତ ବିଷ୍ଣୁପୁର, ଉଦ୍ରା ସାହି, ଝଲାପଶି,କଣ୍ଡରାପଶି,ଶିଳିସୁଆଁ,କାଳସୁଇ ଆଦି ଗ୍ରାମ ଗୁଡିକର ଲୋକ ତଥା ଚାଷୀମାନେ ଉକ୍ତ ରାସ୍ତା ଦେଇ ଝୁମ୍ପୁରା ବଜାର କୁ ବ୍ୟବସାୟ କରିବା ନିମନ୍ତେ ଯିବାଆସିବା କରିଥାନ୍ତି । ସବୁଠାରୁ ଗୁରତ୍ୱ ପୂର୍ଣ୍ଣକଥା ସ୍ଥାନୀୟ ସରପଚଂ ମଧ୍ୟ ଉକ୍ତ ରାସ୍ତା ଦେଇ ପଚାଂୟତ ତଥା ବ୍ଲକ କାର୍ଯ୍ୟାଳୟ ଯିବାଆସିବା କରୁଛନ୍ତି । ଆଉ କେଇଟା ମାସ ପରେ ସରପଚଂଙ୍କ ଦ୍ୱତୀୟ ପାଳି ର ଶାସନ କାଳ ପୂରଣ ହେବ ତଥାପି ଉକ୍ତ ସମସ୍ୟାର ସ୍ଥାୟୀ ପ୍ରତିକାର ହୋଇ ପାରୁ ନଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ଏନେଇ ସ୍ଥାନୀୟ ସରପଚଂ ବୈଜୟନ୍ତୀ ନାଏକ ଙ୍କ ମତାମତ ଲୋଡିବାରୁ କହିଲେ ପ୍ରୋଜେକ୍ଟ ଦିଆଯାଇଛି, ପଇସା ଆସିଲେ କାମ ହେବ । ଅନ୍ୟପକ୍ଷରେ ମୁଁ ଦେଖିକି କାମ କରିଦେବି ବୋଲି ପଚାଂୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ମହାରଣା କହିଛନ୍ତି ।

## କେନ୍ଦ୍ରାପଡା ଜିଲାରେ ଆଜି ୫୭କରୋନା ପଜିଟିଭ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାରେ ଶୁକ୍ରବାର ୫୭ ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଆଳି ବ୍ଲକରେ ୧୨ଜଣ କରୋନା ପଜିଟିଭ କେଶ ବାହାରିଥିବା ବେଳେ ଡେରାବିଶ ବ୍ଲକରେ ୭, ଗରଦପୁର ବ୍ଲକରେ ୨ଜଣ, କେନ୍ଦ୍ରାପଡା ବ୍ଲକରେ୧୬, ମହାକାଳପଡା ବ୍ଲକରେ ୩, ମାର୍ଶାଘାଇ ବ୍ଲକର ୩ଜଣ , ପଟ୍ଟାମୁଣ୍ଡାଇ ବ୍ଲକରେ ୬, ରାଜକନିକା ବ୍ଲକରେ ୭ ଓ କେନ୍ଦ୍ରାପଡା ପୌରାଞ୍ଚଳର ଜଣେ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି ।

# ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ




କେନ୍ଦ୍ରାପଡ଼ା : ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟକ ସଙ୍ଘ, କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ୯ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି କରିବା ଓ ଅପପୁଷ୍ଟିକୁ ଦୂର କରି ପିଲାଙ୍କ ସ୍ୱାସ୍ଥ୍ୟ ରକ୍ଷା କରିବା ପାଇଁ ମଧ୍ୟାହ୍ନ ଭୋଜନ ଯୋଜନାର ଆରମ୍ଭ ହୋଇଥିଲା । ସେହି ଯୋଜନାକୁ ସଫଳ କରିବା ପାଇଁ ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନରେ ପିଲାମାନଙ୍କୁ ରୋଷେଇ କରି ଖାଇବାକୁ ଦେବା ପାଇଁ ପାଚିକା ଓ ସହାୟିକା ଭାଇଭଉଣୀମାନେ ନିଯୁକ୍ତ ହୋଇଥିଲେ । ସେମାନେ ବିଦ୍ୟାଳୟର ପିଲାମାନଙ୍କୁ ରୋଷେଇ କରି ଖାଇବାକୁ ଦେଉଥିଲେବି ସେମାନଙ୍କ ପାଇଁ ସେଠାରେ ଖାଇବାର ବ୍ୟବସ୍ଥା ନାହିଁ । ପିଲାଙ୍କ ବାସନ ଓ ରୋଷେଇ ହାଣ୍ଡି,ଡେକିଚି ମଜାମଜି କରିବାରେ ସେମାନଙ୍କୁ ସମୟ ମିଳେନାହିଁ । ଏହା ବ୍ୟତିତ ବିଦ୍ୟାଳୟକୁ ସଫା କରିବା ଠାରୁ ଯାବତୀୟ କାର୍ଯ୍ୟ ମଧ ସେମାନଙ୍କୁ କରାଯାଉଥାଏ । ମାସିକ ମାତ୍ର ୧୪ଶହ ଟଙ୍କା ମିଳେ ଯାହାକି ବର୍ତ୍ତମାନର ଅଭାବି ସମୟରେ ସେମାନଙ୍କ ନିମ୍ନେଁ ହୋଇଥାଏ । ବର୍ଷକୁ ୧୨ମାସ ମଧ୍ୟରେ ୧୦ମାସ ପାଇଁ କାମ ମିଳିଥାଏ । ଏହା ଭିତରେ କରୋନା ମହାମାରୀ ଆସିବା ପରେ ବହୁ ସମସ୍ୟା ଦେଇ ପାଚିକା ଓ ସହାୟିକାମାନେ ଜୀବନ ନିର୍ବାହ କରୁଛନ୍ତି । ସଙ୍ଘ ପକ୍ଷରୁ କରୋନା ମହାମାରୀ ସମୟରେ ପାଚିକା ଓ ସହାୟିକାମାନଙ୍କୁ ସହାୟତା ପ୍ରଦାନ କରାଯିବା, ମିଶ୍ରଣ ହୋଇଥିବା ବିଦ୍ୟାଳୟର ପାଚିକା ଓ ସହାୟିକାଙ୍କୁ ବାହାର କରାନଯିବା, ଦରଦାମ ବୃଦ୍ଧି ହେତୁ ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯିବା, ବର୍ଷକୁ ୧୦ମାସ ପରିବର୍ତ୍ତେ ୧୨ମାସର ପାରିଶ୍ରମିକ ପ୍ରଦାନ, ୨୦୦୯ମସିହା ଡିସେମ୍ବର ଠାରୁ ୨୦୧୨ମସିହା ମାର୍ଚ୍ଚମାସ ପର୍ଯ୍ୟନ୍ତ କଟାଯାଇଥିବା ୨୮ମାସର ପାରିଶ୍ରମିକ ତୁରନ୍ତ ପ୍ରଦାନ କରାଯିବା, ୬୦ବର୍ଷର ପାଚିକାଙ୍କୁ ସର୍ବନିମ୍ନ ପେନସନ ପ୍ରଦାନ,ପ୍ରତିବର୍ଷ ୨ଖଣ୍ଡ ଶାଢୀ ପ୍ରଦାନ କରାଯିବା ଓ ନିକଟ ବିଦ୍ୟାଳୟରେ ମିଶ୍ରଣ ହୋଇଥିବା ବିଦ୍ୟାଳୟରେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ମତେ ଛାତ୍ରଛାତ୍ରୀଙ୍କ ନାମଲେଖା ଆରମ୍ଭ କରାଯିବା ସହ ପାଚିକା ଓ ସହାୟିକାମାନଙ୍କୁ କାମ କରିବାର ସୁଯୋଗ ଦେବାକୁ ଦାବି କରାଯାଇଛି । ଜିଲ୍ଲା ସଙ୍ଘର ସଭାନେତ୍ରୀ ସୁହାନା ବେଗମ, କାର୍ଯ୍ୟକାରୀ ସଭାପତି ଗଜେନ୍ଦ୍ର ନାୟକ, ଜିଲ୍ଲା ଉପସଭାପତି ଦମୟନ୍ତୀ ସାମଲ, ଜିଲ୍ଲା ସମ୍ପାଦକ ସୌଭାଗିନୀ ପତି, ଜିଲ୍ଲା ସହସମ୍ପାଦକ ଝରଣା ରାଉତ ଓ ଝରଣା ବେହେରା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।

## କେନ୍ଦ୍ରାପଡା ଜିଲ୍ଲା ଓଷ୍ଟା ପକ୍ଷରୁ ପ୍ରାକ୍ତନ ସଭାପତି ହରେକୃଷ୍ଣ ଶତପଥୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡା,୯/୭ : କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାର ଓଡିଶା ମାଧ୍ୟମିକ ଶିକ୍ଷକ ସଙ୍ଘ(ଓଷ୍ଟା)ର ପ୍ରଥମ ସଭାପତି ତଥା କରିଲୋପାଟଣା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଶତପଥୀଙ୍କ ର ୮୬ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ସ୍ୱର୍ଗତ ଶତପଥୀଙ୍କ ବିୟୋଗରେ କେନ୍ଦ୍ରାପଡା ଜିଲ୍ଲା ଓଡିଶା ମାଧ୍ୟମିକ ଶିକ୍ଷକ ସଙ୍ଘ(ଓଷ୍ଟା)ପକ୍ଷରୁ ଦୁହୁରିଆସ୍ଥିତ କାର୍ଯ୍ୟାଳୟରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମ୍ପାଦକ ତପନ କୁମାର ସିଂ ପ୍ରାରମ୍ଭରେ ସଭାର ଉଦେଶ୍ୟ ଜ୍ଞାପନ କରିବା ପରେ ସ୍ୱର୍ଗତ ଶତପଥୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପ୍ରାକ୍ତନ ଶିକ୍ଷକ ନେତା ଅବନୀ କୁମାର ମହାନ୍ତି, ତ୍ରୈଲୋକ୍ୟ ସ୍ୱାଇଁ, ବାନାମ୍ବର ସାହୁ, କାର୍ତ୍ତିକ ଚରଣ ନାୟକ, ନାରାୟଣ ପତି, ନିର୍ମଳ କୁମାର ନାୟକ, ରାଜ୍ୟ ଓଷ୍ଟା ଉପସଭାପତି ରାଧାକାନ୍ତ ଦାସ, ରାଜ୍ୟ ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଣବ କୁମାର ଜେନା, ଜିଲ୍ଲା ଓଷ୍ଟାର କାର୍ଯ୍ୟକାରୀ ସଦସ୍ୟ ଅନ୍ନପୂର୍ଣ୍ଣା ସାହୁ, ଟିଟିକାନ୍ତ ନାୟକ, ସରୋଜକାନ୍ତ ଜେନା, ଅଲେଖ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ କୋଭିଡ-୧୯ କଟକଣା ପାଳନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ସମୟରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶିକ୍ଷକ ନେତା ଓ ଶିକ୍ଷକ, ଶିକ୍ଷିକାମାନେ ଏବଂ,ପ୍ରାକ୍ତନ ରାଜ୍ୟ ନେତା କାଳି ପ୍ରସାଦ ନାୟକ ନିଜ ନିଜ ବିଦ୍ୟାଳୟରେ ରହି ଭର୍ଚୁଆଲ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ସଭାରେ ଅଂଶଗ୍ରହଣ କରିଥିଲେ । ଶେଷରେ ପ୍ରଣବ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱର୍ଗତ ଶତପଥୀ ଜଣେ ଦକ୍ଷ, ନିର୍ଭୀକ, ଶିକ୍ଷକ ନେତା ଥିଲେ । ଇଂରାଜୀ ଓ ଓଡିଆ ସାହିତ୍ୟର ଜଣେ ପ୍ରବୀଣ ଶିକ୍ଷକ ଭାବରେ ଅବିଭକ୍ତ କଟକ ଜିଲ୍ଲାରେ ତାଙ୍କର ସୁନାମ ଥିଲା । ସାଲିସବିହୀନ ନେତା ଭାବରେ ଶିକ୍ଷକ,ଶିକ୍ଷିକା ଓ କର୍ମଚାରୀମାନଙ୍କ ସମସ୍ୟା ସମାଧାନ କରିବାକୁ ସେ ବଦ୍ଧ ପରିକର ଥିଲେ ।

# କୃଷି ଉତ୍ପାଦନ ପ୍ରକଳ୍ପ ସଂପ୍ରସାରଣ ସଂପର୍କିତ ବୁଝାମଣା ପତ୍ର ସ୍ୱାକ୍ଷରିତ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ ନ୍ତକୃଷି ଉତ୍ପାଦନ ପ୍ରକଳ୍ପନ୍ତ ସଂପ୍ରସାରଣ ସଂପର୍କିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଚଳିତ ଜୁଲାଇ ୯ ତାରିଖ ଶୁକ୍ରବାର ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟର ମିନି କନଫରେନ୍ସ ହଲ୍‌ଠାରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଉପସ୍ଥିତିରେ ଡି.ଏମ.ଏଫ୍, ଓଡିଶା ଜୀବିକା ମିଶନ ତରଫରୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝୀ, ଉପ ନିର୍ଦ୍ଦେଶକ ଉଦ୍ୟାନ ଡ. ଜୟନ୍ତ କୁମାର ନାୟକ ଏବଂ ନୋଡାଲ ଏନ.ଜି.ଓ. ନ୍ତପ୍ରଦାନନ୍ତର କର୍ମକର୍ତା ତାରା ପ୍ରସାଦ ତ୍ରିପାଠୀ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ସୂଚନା ଯୋଗ୍ୟଯେ, ଓଡିଶାର ଜନଜାତି ଅଧ୍ୟୁଷିତ ବ୍ଲକ ଅଂଚଳରେ ଚାଷୀ ମାନଙ୍କର ଆୟକୁ ଦ୍ୱିଗୁଣିତ କରିବା ଏବଂ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି କରାଇବା ଉଦ୍ଦେଶ୍ୟରେ ୨୦୧୮ ନଭେମ୍ବର ମାସରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟର ୪୦ ଟି ବ୍ଲକରେ ନ୍ତକୃଷି ଉତ୍ପାଦନ ପ୍ରକଳ୍ପନ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ତନ୍ମଧ୍ୟରୁ କେନ୍ଦୁଝର ଜିଲ୍ଲାର ୫ଟି ଜନଜାତି ଅଧ୍ୟୁଷିତ ବ୍ଲକ ଯଥା- ବାଂଶପାଳ, କେନ୍ଦୁଝର ସଦର, ଝୁମ୍ପୁରା, ହରିଚନ୍ଦନପୁର ଏବଂ ପାଟଣା ବ୍ଲକରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଡି.ଏମ.ଏଫ୍. ତରଫରୁ ଏହି ନିମନ୍ତେ ଅର୍ଥ ପ୍ରଦାନ କରାଯାଉଛି । ଉକ୍ତ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ବିଶେଷ ଭାବରେ ପନିପରିବା ଓ ଫଳଚାଷ, ପଶୁପାଳନ ମାଧ୍ୟମରେ ଚାଷୀମାନଙ୍କର ଆୟ ଦ୍ୱିଗୁଣିତ ହେଉଅଛି ଏବଂ ସେମାନଙ୍କର ଜୀବିକା ଧାରଣର ମାନର ଉନ୍ନତି ହେବା ସହ ଆର୍ଥିକ ଅଭିବୃଦ୍ଧି ହୋଇଛି । ଏଣୁ କୃଷି ଉତ୍ପାଦନ ପ୍ରକଳ୍ପ କାର୍ଯ୍ୟକ୍ରମର ଉଲ୍ଲେଖନୀୟ ସଫଳତା ପରେ କେନ୍ଦୁଝର ଜିଲ୍ଲାର ସମସ୍ତ ବ୍ଲକକୁ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରିବାପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସରକାରଙ୍କ ନିକଟକୁ ପ୍ରସ୍ତାବ ପ୍ରେରଣ କରାଯାଇଥିଲା ଏବଂ ଏହା ଅନୁମୋଦିତ ହୋଇଛି । ଏଣୁ ବାକିଥିବା ୮ଟି ବ୍ଲକରେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଉପରୋକ୍ତ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ ସୂଚନା ଦେଇଛନ୍ତି । ୭ ଟି ବ୍ଲକ ପାଇଁ ଡି.ଏମ.ଏଫ୍ ଏବଂ ୬ ଟି ବ୍ଲକ ଓମ୍ୟାଡିସି ସୌଜନ୍ୟରୁ ଅର୍ଥପ୍ରଦାନର ବ୍ୟବସ୍ଥା ହୋଇଛି । ଏହି କାର୍ଯ୍ୟକ୍ରମରେ ଅଗ୍ରାଧିକାର ଭିତିରେ ପ୍ରତି ବ୍ଲକରେ ୩୦୦୦ କ୍ଷୁଦ୍ର ଚାଷୀ ଚୟନ କରାଯାଇ ୨୫ଟି ଲେଖାଏଁ ଉତ୍ପାଦନ ଗୋଷ୍ଠୀ ଗଠନ କରାଯାଇଛି । ୪୦୦ ଏକର ଜମିରେ ଜଳସେଚନ ସୁବିଧା ଉପଲବ୍ଧ କରାଯିବା ସହିତ ୨୦୦ ଏକର ଜମିରେ ଉଦ୍ୟାନ କୃଷି ସଂପର୍କିତ ଚାରା ରୋପଣ କରାଯାଇ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବାପାଇଁ ଯୋଜନା କରାଯାଇଛି । ଜିଲ୍ଲାର ସମସ୍ତ ବ୍ଲକରେ କୃଷି ଉତ୍ପାଦନ ପ୍ରକଳ୍ପ କାର୍ଯ୍ୟକ୍ରମରେ ସାମିଲ କରିବାରେ କେନ୍ଦୁଝର ଜିଲ୍ଲା ରାଜ୍ୟରେ ପ୍ରଥମ ଜିଲ୍ଲା ହୋଇଥିବା ବିବେଚିତ ହୋଇଛି ।

# କମ୍ପ୍ୟୁଟର ଶିକ୍ଷକଙ୍କୁ ତୁରନ୍ତ ପୁନଃନିଯୁକ୍ତି ପାଇଁ ଆଇସିଟି ବିଦ୍ୟାଳୟ ସଂଯୋଜକ ସଙ୍ଘ ପକ୍ଷରୁ ଗଣଶିକ୍ଷାସଚିବଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ



କେନ୍ଦ୍ରାପଡ଼ା : କମ୍ପ୍ୟୁଟର ଶିକ୍ଷକମାନଙ୍କୁ ତୁରନ୍ତ ପୁନଃ ନିଯୁକ୍ତି ପ୍ରଦାନ କରାଯିବାକୁ କେନ୍ଦ୍ରାପଡା ଜିଲ୍ଲା ଆଇ.ସି.ଟି. ବିଦ୍ୟାଳୟ ସଂଯୋଜକ ସଙ୍ଘ ପକ୍ଷରୁ ଗଣଶିକ୍ଷା ସଚିବ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାର ୨୦୩ଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୩ଜଣ କମ୍ପ୍ୟୁଟର ଶିକ୍ଷକଙ୍କ ସମେତ ରାଜ୍ୟର ୩୦ଟି ଜିଲ୍ଲାରେ ୪ହଜାର କମ୍ପ୍ୟୁଟର ଶିକ୍ଷକ ଛଟେଇ ହୋଇ ବସିଛନ୍ତି । ଏହାଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କମ୍ପ୍ୟୁଟର ଶିକ୍ଷାରୁ ସଂପୂର୍ଣ୍ଣ ବଞ୍ଚିତ ହେଉଛନ୍ତି । ଉଚ୍ଚଶିକ୍ଷିତ କମ୍ପ୍ୟୁଟର ଶିକ୍ଷକମାନେ ଛଟେଇ ହୋଇ ଘରେ ବସିଥିବା ବେଳେ ସେମାନଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲିହୋଇଯାଇଥିବା ଅଭିଯୋଗ ହୋଇଛି । ୮ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ କମ୍ପ୍ୟୁଟର ଲାବ ଗୁଡିକ ଅଚଳ ହୋଇପଡି ନଷ୍ଟ ହେବାରେ ଲାଗିଛି । ଫଳରେ ଶିକ୍ଷା ବ୍ୟବସ୍ଥାର ଏକ ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ବର୍ତ୍ତମାନର ବ୍ୟବସ୍ଥା ଅନୁଯାଇ ରାଜ୍ୟର ସମସ୍ତ ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀଙ୍କ ପାଠପଢାରୁ ଆରମ୍ଭ କରି ନାମଲେଖା, ମେଧାବୃତ୍ତି ପରୀକ୍ଷା, ଏନରୋଲମେଣ୍ଟ, ମାଟ୍ରିକ ପରୀକ୍ଷା ଫର୍ମ ପୂରଣ,ମୋ ସ୍କୁଲ ଅଭିଯାନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ନିମନ୍ତେ କମ୍ପ୍ୟୁଟରର ଆବଶ୍ୟକତା ରହିଛି । ଉଚ୍ଚତମ ନ୍ୟାୟାଳୟ ମଧ ସଙ୍ଘର ଆବେଦନକୁ ୩ମାସ ମଧ୍ୟରେ ବିଚାର କରି ଆବଶ୍ୟକ ପଦକ୍ଷେପ ନେବାକୁ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏଣୁ ସମସ୍ତ ଛଟେଇ କମ୍ପ୍ୟୁଟର ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ପ୍ରଦାନ ସହିତ ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ଏକମାସ ମଧ୍ୟରେ କମ୍ପ୍ୟୁଟର ଲ୍ୟାବ ଗୁଡିକୁ କମ୍ପ୍ୟୁଟର ଶିକ୍ଷକଙ୍କୁ ହସ୍ତାନ୍ତର କରାଯାଇ ଗୁଣାତ୍ମକ ଶିକ୍ଷାର ମାନକୁ ବୃଦ୍ଧି କରିବା, ବେସରକାରୀ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ବାଧ୍ୟତା ମୂଳକ ଥିବାରୁ ପିଲାମାନେ ବେସରକାରୀ ବିଦ୍ୟାଳୟ ମୁହାଁ ହେଉଥିବାରୁ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି ପାଇଁ କମ୍ପ୍ୟୁଟର ଶିକ୍ଷାକୁ ବାଧ୍ୟତା ମୂଳକ କରାଯିବା, ଇ- ବିଦ୍ୟାଳୟ ଯୋଜନାକୁ କାର୍ଯ୍ୟକାରି କରାଯିବା ପାଇଁ ସଙ୍ଘ ପକ୍ଷରୁ ଦାବି କରାଯାଇଛି । ସଙ୍ଘ ପକ୍ଷରୁ ଜିଲ୍ଲା ସଭାପତି ରଞ୍ଜିତ କୁମାର ବାରିକ, ସମ୍ପାଦକ ବୈଜୟନ୍ତୀ ବରାଳ, କାର୍ଯ୍ୟକାରୀ ସଭାପତି ଦିପ୍ତିମୟୀ ମିଶ୍ର, ସୁଚିତ୍ରା ନନ୍ଦୀ, ଅବିନାଶ ଖାନା, ସସ୍ମିତା ସାହୁ ପ୍ରମୁଖ ଡେପୁଟୀ କଲେକ୍ଟରଙ୍କୁ ଗଣଶିକ୍ଷା ସଚିବ ଓ ରାଜ୍ୟ ଗଣଶିକ୍ଷା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି ।

## ମୟୂରଭଞ୍ଜ : କରୋନା ନେଲା ୩ ଜୀବନ

ବାରିପଦା: ମୟୂରଭଞ୍ଜ ଜିଲ୍ଲାରେ ଗତ କିଛି ଦିନ ଧରି କରୋନା ଗ୍ରାଫ୍ ଉପର ତଳ ହେବାରେ ଲାଗିଛି ଏବେ ଏହା ସହିତ ତାଳ ଦେଇ ମୃତ୍ୟୁ ସଂଖ୍ୟା ମଧ ବଢ଼ିବାରେ ଲାଗିଛି । ଏହି ସମୟରେ ଗତ ୨୪ ଘଂଟା ମଧ୍ୟରେ ଓଡ଼ିଶାରୁ ଚିହ୍ନଟ ହୋଇଥିବା ୨,୫୪୨ କରୋନା ସଂକ୍ରମିତମାନଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ୧୨୪ ପଜିଟିଭ ରହିଛନ୍ତି ଏବଂ ଜିଲ୍ଲାରେ ସଂକ୍ରମିତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୩୬,୭୬୭ରେ ପହଁଚିଛି । ସେହିପରି ଜିଲ୍ଲାରେ ଚିକିତ୍ସାଧୀନ କରୋନା ସଂକ୍ରମିତମାନଙ୍କ ମଧ୍ୟରେ ମୃତ୍ୟୁ ସଂଖ୍ୟା ଥମିବାର ନାମ ଧରୁ ନାହିଁ । ଆଜି ଜିଲ୍ଲାରୁ ଚିକିତ୍ସାଧୀନ କୋଭିଡ଼-୧୯ ସଂକ୍ରମିତମାନଙ୍କ ମଧ୍ୟରୁ ୩ ଜଣ ପ୍ରାଣ ହରାଇଥିବାର ଜଣାପଡ଼ିଛି । ଆଜକୁ ମିଶାଇ ଚଳିତ ଜୁଲାଇ ମାସର ୮ ଦିନ ମଧ୍ୟରେ ୧୫ ଜଣଙ୍କର ମୃତ୍ୟୁ ହୋଇଥିବାର ସରକାରୀ ସୂତ୍ରରୁ ସୂଚନା ମିଳିଛି । ଏଥି ସହିତ ଜୁଲାଇ ୭ ପର୍ଯ୍ୟନ୍ତ ଜିଲ୍ଲାରୁ ୯୫.୭୬ ପ୍ରତିଶତ ହାରରେ ୩୫,୦୯୦ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଜୁଲାଇ ୮ ଅପରାହ୍ନ ସୁଦ୍ଧା ୪.୧୬ ପ୍ରତିଶତ ହାରରେ ୧,୫୩୧ ଜଣ ସକ୍ରିୟ ଥାଇ ବାଙ୍କିଶୋଳ କୋଭିଡ଼ ହସପିଟାଲ, ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ଓ୍ୱାର୍ଡ଼, କୋଭିଡ଼ କେୟାର ସେଂଟର ଓ କଟକ-ଭୁବନେଶ୍ୱର ଆଦିରେ ଚିକିତ୍ସା ହେଉଥିବା ସମୟରେ ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୦.୩୯ ପ୍ରତିଶତ ହାରରେ ୧୪୩ ରେ ପହଁଚିଛି ।

# ବେଆଇନ ଗୋ-ଚାଲାଣ ରୋକିବାରେ ଜିଲ୍ଲା ପ୍ରଶାସନର ବିଫଳତାକୁ ନେଇ କେଶରିଆ ହିନ୍ଦୁ ବାହିନୀ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଉଦବେଗ ପ୍ରକାଶ

ବାରିପଦା: ମୟୂରଭଞ୍ଜ ଜିଲ୍ଲା ସହିତ ଓଡ଼ିଶାରେ ବେଆଇନ ଗୋ-ଚାଲାଣ ବୃଦ୍ଧି ପାଇଥିବା ବେଳେ ଏହାକୁ ରୋକିବାରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ କେଶରିଆ ହିନ୍ଦୁ ବାହିନୀ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି । ଜୁଲାଇ ୮ ବାରିପଦା ସହରର ପାଲବଣିସ୍ଥିତ ମ୍ୟାରେଜ ପ୍ୟାଲେସରେ କେଶରିଆ ହିନ୍ଦୁ ବାହିନୀ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବାହିନୀର ରାଷ୍ଟ୍ରୀୟ ସମ୍ପାଦକ ଅତୁଲ ମିଶ୍ରା ଓ ମୁଖ୍ୟ ବକ୍ତା ଭାବେ ଓଡ଼ିଶା ପ୍ରଦେଶର ରାଜ୍ୟ ସଭାପତି ସନ୍ତୋଷ କୁମାର ଭୋଳ, ସମ୍ମାନୀତ ଅତିଥି ଭାବେ ରାଷ୍ଟ୍ରୀୟ ସମ୍ପାଦକ ଦିଲ୍ଲୀପ କୁମାର ଦାସ, ନିତୁ ଗୁପ୍ତା, ରାଷ୍ଟ୍ରୀୟ ପ୍ରଭାରୀ ଗୀତାଞ୍ଜଳୀ ଦାସ, ଜିଲ୍ଲା ସଭାପତି ହେମଲତା ଦାସ, ଜିଲ୍ଲା ମହିଳା ଉପସଭାପତି ମମତା ମଣ୍ଡଳ ପ୍ରମୁଖ ଯୋଗ ଦେଇ ଗଭୀର କ୍ଷୋଭ ପ୍ରକାଶ କରିଥିଲେ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଅତିଥି ଶ୍ରୀମିଶ୍ରା ମୟୂରଭଞ୍ଜ ଜିଲ୍ଲା ସହିତ ସମଗ୍ର ଓଡ଼ିଶାରେ ମାତ୍ରାଧିକ ଭାବେ ବେଆଇନ ଗୋ-ଚାଲାଣ ବୃଦ୍ଧି ପାଇଥିବା ବେଳେ ଏହାକୁ ରୋକିବାରେ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି । କିଛି ଦିନ ପୂର୍ବେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ଚୁଳିଆପୋଷିସ୍ଥିତ ଆରଏମସି ଗୋରୁ ହାଟରେ ବେଆଇନ ଗୋ-ଚାଲାଣ ଉପରେ ନଜର ରଖିବାକୁ କେଶରୀଆ ହିନ୍ଦୁ ବାହିନୀର ରାଷ୍ଟ୍ରୀୟ ସମ୍ପାଦକ ଦିଲ୍ଲୀପ କୁମାର ଦାସଙ୍କ ସହ ସଂଗଠନର କର୍ମକର୍ତାମାନେ ଯାଇଥିବା ସମୟରେ ସେଠାରେ ପୁଲିସ କର୍ମଚାରୀମାନଙ୍କ ଉପସ୍ଥିତିରେ ସେମାନେ ଆକ୍ରମଣର ଶିକାର ହୋଇଥିଲେ । ଏହାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରାଯିବା ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ସମସ୍ତ ପ୍ରମାଣ ଉପସ୍ଥାପନ କରାଯିବା ପରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରୁ ପୁଲିସ ୭ ଜଣଙ୍କୁ ଗିରଫ କରିଥିବା ବେଳେ ୨୦ରୁ ଅଧିକ ଅଭିଯୁକ୍ତ ଆକ୍ରମଣକାରୀମାନଙ୍କୁ ଗିରଫ କରିବାରେ ବିଫଳ ହୋଇଛି । ଦୈନିକ ବେଆଇନ ଭାବେ ଶହ ଶହ ଗୋ-ଚାଲାଣ କ୍ଷେତ୍ରରେ ବ୍ୟବହାର କରାଯାଉଥିବା ଟ୍ରକ ଓ ପିକ୍-ଅପ୍ ଆଦିକୁ ମଧ ଜବତ କରିବା ସମ୍ଭବ ହୋଇପାରୁ ନଥିବାରୁ କେଶରୀଆ ହିନ୍ଦୁ ବାହିନୀ ପକ୍ଷରୁ ଅନୁଷ୍ଠିତ ଆଜିର ଏହି ସମ୍ବାଦିକ ସମ୍ମିଳନୀରେ ପୁଲିସର ବିଫଳତାକୁ ତୀବ୍ର ଭାବେ ସମାଲୋଚନା କରାଯାଇଛି । ଏଥି ସହିତ ଆଜିର ଏହି କାର୍ଯ୍ୟକ୍ରମରେ ବାହିନୀର ନୂତନ ସଦସ୍ୟତା ଗ୍ରହଣ କରିଥିବା ନିତ୍ୟସିଦ୍ଧ ନାୟକ ଓ ପୃଥିବୀରାଜ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସାଙ୍ଗକୁ ସତ୍ୟଜିତ୍ ମିଶ୍ରଙ୍କୁ ବାହିନୀର ଛାତ୍ର ସଙ୍ଗଠନର ସଭାପତି ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା ।

# ବଳଦେବଜୀଉ ମନ୍ଦିରରେ ଲାଗିଥିବା ସିସିଟିଭି କ୍ୟାମେରା ଅଚଳ ଘଟଣା ମିଛ



କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଲାଗିଥିବା ସି.ସି.ଟି.ଭି. କ୍ୟାମେରା ଗୁଡିକ ଅଚଳ ହୋଇପଡିଥିବା ନେଇ ଏକ ମିଥ୍ୟା ଖବର ପ୍ରଚାର ହେଉଛି । କିନ୍ତୁ ପ୍ରକୃତ ପକ୍ଷେ ମନ୍ଦିର ଭିତରେ ଲାଗିଥିବା ୪୬ଟି ସି.ସି.ଟି.ଭି. କ୍ୟାମେରା ମଧ୍ୟରୁ ୨୬ଟି କ୍ୟାମେରା ସଠିକ ଭାବରେ କାମକରୁଥିବା ବେଳେ ଅନ୍ୟ ୨୦ଟି କ୍ୟାମେରା ପିଓଇ ସୁଇଚରେ ତୃଟି ପରିଲକ୍ଷିତ ହୋଇଥିବାରୁ ସାମୟିକ ଭାବେ କାର୍ଯ୍ୟକରୁନଥିବା ଜଣାପଡିଛି । ଖୁବଶୀଘ୍ର ସେହି ପିଓଇ ସୁଇଚକୁ ମରାମତି କରାଯାଇ ୨୦ଟି ସିସିଟିଭି କ୍ୟାମେରାକୁ ସଚଳ କରାଯିବ ବୋଲି ଉପଜିଲ୍ଲାପାଳ ତଥା ଶ୍ରୀବଳଦେବଜୀଉ ମନ୍ଦିର ଦେବୋତ୍ତର ସଂସ୍ଥାର ଅଧ୍ୟକ୍ଷ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି । କୌଣସି ଘଟଣା ସମ୍ପର୍କରେ ତଥ୍ୟଗତ ଭାବରେ ସଂପୂର୍ଣ୍ଣ ଅବଗତ ହୋଇ ଖବର ପ୍ରକାଶ କରିବା ସହ ପ୍ରଚାର କଲେ କିଛି ଅସୁବିଧା ନାହିଁ । କିନ୍ତୁ ଏଭଳି ମିଥ୍ୟା ଖବର ପ୍ରକାଶ କରିବା ଉଚିତ ନୁହେଁ ବୋଲି ଶ୍ରୀ ବେହେରା କହିଛନ୍ତି ।

# ଫୁଲବାଣୀ ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ଚିନୁରି ଜେନାଙ୍କ ମୃତ୍ୟୁ

କନ୍ଧମାଳ: କନ୍ଧମାଳ ଜିଲ୍ଲା ନେହେରୁ ଯୁବ କେନ୍ଦ୍ରରେ ଜଣେ ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟରତ ଯୁବତୀ ଚିନୁରୀ ଜେନାଙ୍କର ଗତକାଲି ବିଳମ୍ବିତ ରାତିରେ ଫୁଲବାଣୀ ଡାକ୍ତରଖାନାରେ ମୃତ୍ୟୁ ଘଟିଛି । କୌଣସି କାରଣରୁ ଅସୁସ୍ଥ ହେବାପରେ ତାଙ୍କୁ ଫୁଲବାଣୀ ଡାକ୍ତଖାନାରେ ଚିକିତ୍ସା ପାଇଁ ଭର୍ତି କରାଯାଇଥିଲା । ସେ ଗତ ୨ ତାରିଖରେ ନେହେରୁଯୁବ କେନ୍ଦ୍ର କାର୍ଯ୍ୟାଳୟକୁ କାର୍ଯ୍ୟ କରିବାକୁ ଆସିଥିଲେ । ହଠାତ ତାଙ୍କର ଦେହ ଅସୁସ୍ଥ ହେବାରୁ ତାଙ୍କୁ ଅନୁଷ୍ଠାନର ସ୍ୱେଚ୍ଛାସେବୀ ମାନେ ତାଙ୍କ ଘରକୁ ନେଇ ଛାଡିଥିଲେ । ପରିବାର ଲୋକେ ତାଙ୍କୁ ନେଇ ଫୁଲବାଣୀ ଡାକ୍ତରଖାନାରେ ଭର୍ତି କରାଇଥିଲେ । ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଛି । ସେ ଖ୍ରୀଷ୍ଟିୟ ସମ୍ପ୍ରଦାୟର ହୋଇଥିବାରୁ ଖ୍ରୀଷ୍ଟିୟ ରିତୀନିତୀ ଅନୁସାରେ ତାଙ୍କ ମରଶରୀରକୁ ଫୁଲବାଣୀ କେନ୍ଦୁପଦରରେ ଥିବା ଖ୍ରୀଷ୍ଟୀୟାନ ସମ୍ପ୍ରଦାୟର କବରଖାନାରେ ସମାଧି ପ୍ରଦାନ କରାଯାଇଥିଲା । ଫୁଲବାଣୀ ନେହେରୁ ଯୁବ ସଂଗଠନର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ମାନେ ସେଠାରେ ପହଂଚି ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଅନୁଷ୍ଠାନର କାର୍ଯ୍ୟାଳୟରେ ତାଙ୍କ ନିମନ୍ତେ ଏକ ଶୋକ ସଭାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା ଦାୟୀତ୍ୱରେ ଥିବା ସତ୍ୟବାନ ଦଳବେହେରାଙ୍କ ପରିଚାଳନାରେ ସମସ୍ତ ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇ ତାଙ୍କର ତୈଳ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହିତ ତାଙ୍କର ସ୍ମୃତି ଚାରଣ କରି ସେ ଚୁନରୀ ଜଣେ ମେଳାପୀ ଏବଂ ଖେଳକୁଦ ପ୍ରେମୀ ସମେତ ଭଲ ସମଜସେବୀ ଥିଲେ । ତାଙ୍କ ଘର ଫୁଲବାଣୀ ଜିରିଙ୍ଗପଡା ଅଂଚଳରେ ବୋଲି ଜଣାପଡିଛି । ତାଙ୍କର ଏହି ଆକସ୍ମିକ ମୃତ୍ୟୁରେ ତାଙ୍କ ପରିବାର ଲୋକଙ୍କ ସମେତ ନେହେରୁ ଯୁବ ସଂଗଠନର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି ।

# ରବିବାର ସିଂହଦ୍ୱାରରେ ଲାଗିବ ତିନି ରଥ

ପୁରୀ: ଆସନ୍ତା ସୋମବାର ଦିନ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା । ମହାପ୍ରଭୁ ସୁସ୍ଥ ହେବା ପରେ ଗଜପତିଙ୍କୁ ଖବର ଦେଇଥିଲେ ସେବକମାନେ । ଗଜପତିଙ୍କ ନିର୍ଦ୍ଦେଶ କ୍ରମେ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଶ୍ରୀମନ୍ଦିରରେ ଶ୍ରୀବିଗ୍ରହ ମାନେ ସୁସ୍ଥ ହେବା ପରେ ଖଳିଲାଗି ପରେ ଆଜି ବନକଲାଗି ନୀତି ଅନୁଷ୍ଠିତ ହୋଇଛି । ଦତ ମହାପାତ୍ର ସେବକ ମାନେ ଏହି ନୀତି କରିବା ପାଇଁ ଦିନ ୧ ଟା ସମୟରେ ପ୍ରବେଶ କରିଥିଲେ । ମହାପ୍ରଭୁଙ୍କୁ ବିଭିନ୍ନ ପ୍ରାକୃତିକ ରଙ୍ଗ ମିଶାଇ ବନକଲାଗି କରିଥିଲେ । ଅପରାହ୍ନ ୪ ଟାରେ ବନକଲାଗି ନୀତି ଶେଷ ହୋଇଥିଲା । ଆଜି ଶ୍ରୀମନ୍ଦିରରେ ଭୋର ୪ଟା ୧୫ ରୁ ଭୋଗ ମଣ୍ଡପ ପୂଜା ହୋଇଥିଲା । ୫ଟା ୫୦ ରେ ଚକଟା ଭୋଗ ଲାଗି ହୋଇଥିଲା । ବନକଲାଗି ପରେ ମହାପ୍ରଭୁ ଉଭା ଯାତ୍ରା ଓ ନବଯୌବନ ଦର୍ଶନ ଦେବେ । ଅନ୍ୟପକ୍ଷରେ ରଥଖଳାରେ ରଥକାମ ଶେଷ ହେବା ଉପରେ । ଆଜି ରଥରେ କନା ପଡିଛି । ରବିବାର ଦିନ ତିନି ରଥ ଦକ୍ଷିଣ ମୋଡ କରାଯାଇ ସିଂହଦ୍ୱାରରେ ରଖାଯିବ ।




## ଚାଲାଣ ଅଭିଯୋଗ ପରେ ଭୁବନେଶ୍ୱରରୁ ୩ ନାବାଳିକାଙ୍କୁ ଉଦ୍ଧାର କଲା ପୋଲିସ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଖଜୁରିପଡା ଥାନା ଅଂଚଳର ଏକ ଗ୍ରାମରୁ ୩ ଜଣ ନାବାଳିକା ଚାଲାଣ ହୋଇଥିବା ନେଇ ଖଜୁରିପଡା ଥାନାରେ ନାବାଳିକା ମାନଙ୍କ ବାପା ଖଜୁରିପଡା ଥାନାରେ ଅଭିଯୋଗ କରିବା ପରେ ଖଜୁରିପଡା ଥାନା ପୋଲିସ ଭୁବନେଶ୍ୱରକୁ ଯାଇ ସେହି ନାବାଳିକା ମାନଙ୍କୁ ସେଠାରୁ ଉଦ୍ଧାର କରିଛି । ଅଭିଯୋଗ ଅନୁସାରେ ଗତ ୫ ତାରିଖ ସଂନ୍ଧ୍ୟାରେ ଏକ ବୋଲେରୋ ଗାଡି ନିକଟସ୍ଥ ଗ୍ରାମରେ ପହଂଚିବା ପରେ ଉଦ୍ଧାର ନାବାଳିକା ୩ ଜଣ ସେହି ବୋଲେରୋରେ ବସି ଭୁବନେଶ୍ୱରକୁ ଯାଉଥିବା ନେଇ ସେମାନଙ୍କ ପରିବାର ଲୋକଙ୍କୁ ଫୋନ ଯୋଗେ ଜଣାଇଥିଲେ । ଏହି ସଂକ୍ରନ୍ତରେ ତାଙ୍କ ବାପା ଖଜୁରିପଡା ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ ସେହି ବୋଲେରୋରେ ଅନ୍ୟ ଜଣେ ଯୁବତୀ ମଧ୍ୟ ସେହି ବୋଲେରୋରେ ଯାଇଥିବା ଜଣାପଡିଛି । ତେବେ ଅଭିଯୋଗ ପରେ ଖଜୁରିପଡା ଥାନା ଅଧିକାରୀ ରମାକାନ୍ତ ପାତ୍ର ଦସପଲ୍ଲା ସମେତ ଭୁବନେଶ୍ୱର ଅଂଚଳର ସମସ୍ତ ଥାନାକୁ ଯୋଗାଯୋଗ କରିବା ସହିତ ନାବାଳିକା ମାନଙ୍କ ମୋବାଇଲ ନମ୍ବରକୁ ଟ୍ରାକ କରି ସେମାନେ ଭୁବନେଶ୍ୱରର ପଟିଆ ଅଂଚଳର ଏକ କ୍ୱାଟରରେ ରହିଥିବା ନେଇ ଜାଣିପାରିଥିଲେ । ଏହାପରେ ଥାନା ଅଧିକାରୀ ସବଇନିସ୍ପେକ୍ଟର ବିକାସ କୁମାର ମଲ୍ଲିକ,ସନାତନ ପ୍ରଧାନ ଏବଂ ନାବାଳିକାଙ୍କ ବାପାଙ୍କ ସମେତ ରାତରାତି ଭୁବନେଶ୍ୱରରେ ପହଂଚି ସେଠାରୁ ସେମାନଙ୍କୁ ଉଦ୍ଧାର କରି ଖଜୁରିପଡାକୁ ଆଣିଥିଲେ । ତେବେ ସେଠାରେ ପୋଲିସ ପହଂଚିବା ଖବର ପାଇ ନାବାଳିକା ମାନଙ୍କୁ ଭୁବନେଶ୍ୱରକୁ ଚାଲାଣ କରିଥିବା ଯୁବତୀ ଜଣକ ସେଠାରୁ ଖସି ପଠାଇଥିଲେ । ପୋଲିସ ପକ୍ଷରୁ ତାକୁ ଖୋଜାଖୋଜି କରିବାପରେ ତାକୁ ପାଇ ନ ପରିବାରୁ ଏହି ସଂକ୍ରନ୍ତରେ ଖଜୁରିପଡା ଥାନାରେ ଏକ ମାମଲା ୭୬/୨୧ ରୁଜୁ କରିବା ସହିତ ନାବାଳିକା ମାନଙ୍କୁ ସିଡବ୍ଲ୍ୟୁସି ନିକଟରେ ହାଜର କରାଇଛି । ନାବାଳିକା ମାନେ ଏହି ସଂକ୍ରାନ୍ତରେ କୌଣସି ସତ୍ୟତା ପ୍ରକାସ କରିନ ଥିବା ବେଳେ ଯୁବତୀ ଜଣକ ସେମାନଙ୍କୁ କୌଣସି ବେସରକାରୀ ସଂସ୍ଥାରେ ଶ୍ରମିକ ଭାବରେ କାର୍ଯ୍ୟ କରାଇବାକୁ ନେଇଥିବା ନେଇ ଅନୁମାନ କରୁଛି ପୋଲିସ ।

## ଜଙ୍ଗଲରୁ ନିଖୋଜ ଟ୍ରକ ଡ୍ରାଇଭରଙ୍କ ଗଳିତ ଶବ ଝୁଲନ୍ତା ଅବସ୍ଥାରେ ଉଦ୍ଧାର

କନ୍ଧମାଳ:କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦରଥାନା ଅଂଚଳର ମିଣିଆ ଗ୍ରାମ ପଂଚାୟତର ଗଞ୍ଜୁଖୋଲ ଠାରେ ୧ ନମ୍ବର ଜାତୀୟ ରାଜପଥ ଉପରେ ଗତ ୩ ତାରିଖ ଦିନଠାରୁ ଠିଆ ହୋଇଥିବା ମାଲବାହୀ ଟ୍ରକର ଡ୍ରାଇଭର ଆଲୋକ ପ୍ରଧାନଙ୍କ ଗଳିତ ଶବ ଆଜି ଶ୍ରାସାନାଣ୍ଡା ଗ୍ରାମର ସୁଲିକୁପୁଡା ପାହାଡର ଏକ କେନ୍ଦୁ ଗଛରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି । ସ୍ଥାନୀୟ ଲୋକେ ଜଙ୍ଗଲକୁ ଯାଇଥିବାବେଳେ ଏହି ମୃତ ଦେହକୁ ଦେଖି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସର ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଂଚି । ଅନୁସନ୍ଧାନ କରିବା ସହିତ ଶବକୁ ଉଦ୍ଧାର କରି ବ୍ୟବଛେଦ ପାଇଁ ଡାକ୍ତରଖାନାକୁ ପଠାଇ ଥିବା ଜଣାପଡିଛି । ଡ୍ରାଇଭର ଆଲୋକର ଶବଟି ଗଳିତ ଅବସ୍ଥାରେ ପହଂଚିଥିବାରୁ ତାଙ୍କର ମୃତ୍ୟୁ ଗତ ପ୍ରାୟ ୪ ଦିନ ତଳେ ହୋଇଥିବା ଜଣାପଡିଛି ବୋଲି ପୋଲିସ କହିଛି । ପୋଲିସ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ଘଟଣା ହୋଇଥିବା ନେଇ ଅନୁମାନ କରୁଛି ପୋଲିସ । ତେବେ ବ୍ୟବଛେଦ ରିପୋର୍ଟ ଆସିବାପରେ ହିଁ ପ୍ରକୃତ ଘଟଣାର ଜଣାପଡିବ ବୋଲି କହିଛି ପୋଲିସ । ମୃତ ଡ୍ରାଇଭର ଆଲୋକଙ୍କ ଘର ବୌଦ୍ଧ ଜିଲ୍ଲା ଲୁଣିବାହାଲ ଗ୍ରାମର ଘଣ୍ଟାପାଲି ଗ୍ରାମରେ । ସୂଚନା ଯୋଗ୍ୟ ଆଲୋକ ବୌଦ୍ଧ ଅଂଚଳର ଶିବ ପ୍ରସାଦ ମିଶ୍ରଙ୍କ ମାଲବାହୀ ଟ୍ରକ(ଓଆର-୧୫ପି-୫୨୫୫)ରେ ଗତ ୨ ତାରିଖରେ କଟକରୁ ମାଲ ବୋଝେଇ କରି ଫୁଲବାଣୀରୁ ବାହାରି ବାଲିଗୁଡା ଯିବାକୁ ବାହାରିଥିଲେ । ୩ ତାରିଖରେ ସେ ଫୁଲବାଣୀରେ କିଛି ଜିନିଷ ଓହ୍ଲାଇ ଅପରାହ୍ନରେ ପୁଣି ବାଲିଗୁଡା ଯିବାକୁ ବାହାରିଥିଲେ । କିନ୍ତୁ ସେ ତାର ପରଦିନ ମଧ୍ୟ ବାଲିଗୁଡାରେ ନ ପହଂଚିବାର ଖବର ପାଇବା ପରେ ଟ୍ରକର ମାଲିକ ଗାଡିକୁ ଖୋଜିବା ଆରମ୍ଭ କରିଥିଲେ । ସେଠାରେଲଗାତାର ଭାବରେ ଦୁଇ ଦିନ ଧରି ଟ୍ରକଟି ମାଲ ସମେତ ଠିଆ ହୋଇଥିବାରୁ ଅଂଚବାସୀ ପୋଲିସକୁ ଖବର ଦେଇଥିଲେ । ଟ୍ରକ ମାଲିକଙ୍କ ଅଭିଯୋଗ ପରେ ପୋଲିସ ସେଠାରେ ପହଂଚି ଗାଡିର କାଗଜପତ୍ର ସବୁକୁ ଯାଂଚ କରିବାପରେ ସେହି ସବୁ ଠିକ ଥିବାବେଳେ ଡ୍ରାଇଭର ନିଖୋଜ ଥିବା ଜାଣିବାପରେ ପୋଲିସ ତାକୁ ଖୋଜାଖୋଜି କରୁଥିଲା । ଆଜି ଡ୍ରାଇଭର ଆଲୋକର ଶବ ମିଳିବାପରେ ପୋଲିସ ପକ୍ଷରୁ ସଦରଥାନାରେ ଏକ ଅପମୃତ୍ୟୁ ମାମଲା ୧୫/୨୧ ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଜଣାପଡିଛି ।

## ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

ଭୁବନେଶ୍ୱର, (ପିଏନ)-ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଭଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟୀତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି ।
ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧ୍ୟରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି । ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ । ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ ।ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।
ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।
ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

## ବାଙ୍ଗିରିପୋଷି-ଗୋରୁମହିଷାଣି ନୂତନ ରେଳପଥ ସମ୍ପ୍ରସାରଣ ପ୍ରସଙ୍ଗକୁ ନେଇ ଭଞ୍ଜସେନା ପକ୍ଷରୁ ଅଗଷ୍ଟ ୨୭ରୁ ଜନସଚେତନତା ପଦଯାତ୍ରା ଆରମ୍ଭ ହେବ

ବାରିପଦା: ବଣ ପାହାଡ଼ ଘେରା ମୟୂରଭଞ୍ଜ ଜିଲ୍ଲା ଓଡ଼ିଶାର ସର୍ବବୃହତ୍ତ ଓ ଆଦିବାସୀ ବହୁଳ ପଛୁଆ ଜିଲ୍ଲା ତାଲିକାରେ ରହିଆସିଛି । ଏଥି ସହିତ ବାରିପଦା ସଦର, କପ୍ତିପଦା, ପାଞ୍ଚପୀଢ଼ ଓ ବାମନଘାଟୀ ଉପଖଣ୍ଡକୁ ନେଇ ଗଠିତ ଏହି ଜିଲ୍ଲାରେ ବସବାସ କରୁଥିବା ଜନସାଧାରଣଙ୍କ ଗମନାଗମ ସହ ମାଲ ପରିବହନ କ୍ଷେତ୍ରରେ ସୁବିଧା ଆଣିବା ନିମନ୍ତେ ରେଳପଥର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ନିର୍ମାଣ କରିଯାଇଥିବା ବାଙ୍ଗିରିପୋଷି-ରୁପ୍ସା ରେଳପଥକୁ ବାଦ ଦେଇ ଜିଲ୍ଲାରେ ନୂତନ ରେଳପଥ ନିର୍ମାଣ ସମ୍ଭବ ହୋଇ ପାରି ନାହିଁ । ଜିଲ୍ଲାବାସୀଙ୍କ ଓ ଜିଲ୍ଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ବାଙ୍ଗିରିପୋଷି-ଗୀରୁମହିଷାଣି ନୂତନ ରେଳପଥର ନିର୍ମାଣ ନିମନ୍ତେ ଦୀର୍ଘ ଦିନରୁ ବାରମ୍ବାର ଦାବୀ କରିଆସୁଛନ୍ତି । କେବଳ ରାଜନୈତିକ ଭାଷଣବାଜିକୁ ବାଦ ଦେଲେ ଜିଲ୍ଲାରେ ନୂତନ ରେଳପଥ ନିର୍ମାଣ ଦିଗରେ କୌଣସି ଅଗ୍ରଗରି ପରିଲକ୍ଷିତ ହୋଇପାରିଲା ନାହିଁ । ତେଣୁ ଜିଲ୍ଲାର ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ମୟୂରଭଞ୍ଜବାସୀଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆସନ୍ତା ଅଗଷ୍ଟ ୨୭ରୁ ଏକ ଜନସଚେତନତା ପଦଯାତ୍ରା ବାଙ୍ଗିରିପୋଷି ଷ୍ଟେସନରୁ ବାହାରି ୬୨ କିଲୋମିଟର ପଥ ଅତିକ୍ରମ କରି ଅଗଷ୍ଟ ୨୯ରେ ଗୋରୁମହିଷାଣି ରେଳଷ୍ଟେସନରେ ପହଁଚିବାରେ ଉଦଯାପିତ ହେବ । ସେହିପରି ପରବର୍ତି ସମୟରେ ବାଦାମପାହାଡ଼-କେନ୍ଦୁଝର ଓ ବୁଢ଼ାମରା- ଚାକୁଳିଆ ନୂତନ ରେଳପଥ ନିର୍ମାଣ ନିମନ୍ତେ ସଂଗ୍ରାମ ଆରମ୍ଭ କରାଯିବ ବୋଲି ସଙ୍ଗଠନର ଆଦିବାସୀ ସେଲ ସଭାପତି ବାଜୁନ ହାଁସଦାଃ ପ୍ରେସ ଇସ୍ତାହାର ମାଧ୍ୟମରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହା ବ୍ୟତୀତ ସେନାପକ୍ଷରୁ ସୁବର୍ଣ୍ଣରେଖା ବୃହତ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ମନ୍ଥରତାକୁ ନେଇ ଆନ୍ଦୋଳନକୁ ଉହ୍ଲାଇବ । ଦୀର୍ଘ ବର୍ଷ ଧରି ସୁବର୍ଣ୍ଣରେଖା ବୃହତ ଜଳ ସେଚନ ପ୍ରକଳ୍ପରୁ ଚାଷୀଙ୍କ ପରିବର୍ତେ ମନ୍ତ୍ରୀ, ନେତା, ଯନ୍ତ୍ରୀ ଓ ଠିକାଦାରଙ୍କ ନିମନ୍ତେ ସୁନା ଅଣ୍ଡାଦିଆ କୁକୁଡ଼ାରେ ପରିଣତ ହୋଇଯାଇଛି । ଏଣୁ ଯଥା ଶୀଘ୍ର ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରାଯାଇ ଚାଷୀମାନଙ୍କ ବୃହତ ସ୍ୱାର୍ଥ ସାଧନ ଉଦ୍ଦେଶ୍ୟରେ ଲୋକାର୍ପିତ କରାଇବା ନିମନ୍ତେ ନୂତନ ଭାବେ କେନ୍ଦ୍ରରେ ଜଳ ବିଭାଗ ମନ୍ତ୍ରୀ ଭାବେ ଶପଥ ନେଇଥିବା ମୟୂରଭଞ୍ଜ ଲୋକସଭା ସାଂସଦ ବିଶ୍ୱେଶର ଟୁଡୁଙ୍କୁ ଭେଟି ଦାବୀ ଜଣାଇବେ ବୋଲି ସଂଗଠନର ଆଦିବାସୀ ସେଲ ସଭାପତି ଶ୍ରୀହାଁସଦାଃ ପ୍ରେସ ଇସ୍ତାହାରରେ ଉଲ୍ଲେଖ କରିଛନ୍ତି ।

## ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)-ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।
ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି । ଇଂଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ । ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତନ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତି ନିଆଯାଇଛି ।
ବିଧାନସୌଧରେ ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିୟୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ । ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି । ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ । ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ ।
ଓଡ଼ିଶା ନଲେଜ୍ କର୍ପୋରେସନ୍(ଓକେସିଏଲ) ସମସ୍ତ ପ୍ରକାର ବୈଷୟିକ କମ୍ପ୍ୟୁଟରୀକୃତ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରୁଛି ବୋଲି ଓକାକ୍ ର ସାଧାରଣ ପରିଚାଳକ ସୂଚନା ଦେଇଥିଲେ ତେଣୁ ବିଧାୟକମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ବିଧାନସଭା କର୍ମଚାରୀମାନଙ୍କୁ ଓସ୍ୱାସ୍ ତାଲିମ ପ୍ରଦାନ କରିବା ପାଇଁ ଓକେସିଏଲ୍ କୁ ନିୟୋଜିତ କରାଯାଇପରିବ ।
ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଓକାକ୍‌ର ସାଧାରଣ ପରିଚାଳକ (ପ୍ରଶାସନ), ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକ, ବିଏସ୍‌ଏନ୍‌ଏଲ୍‌ର ଉପଖଣ୍ଡ ଯନ୍ତ୍ରୀ ଏବଂ ପ୍ରିଂଟଲିଙ୍କର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

## ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।
ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ ।
ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।
ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।
ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ ।
ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ବିଶ୍ୱବିଦ୍ୟାଳୟ ଆଇନ ପ୍ରତ୍ୟାହାର ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ରାଜ୍ୟପାଳଙ୍କୁ ଦାବୀପତ୍ର

ଭୁବନେଶ୍ୱର, (ପିଏନ)- ରାଜ୍ୟର ବହୁ କୁଳପତି, ପ୍ରଫେସର, ଅଧ୍ୟାପକ, ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀମାନଙ୍କ ପ୍ରତିବାଦକୁ ଏବଂ ମତାମତକୁ ସଂପୂର୍ଣ୍ଣ ଭୃକ୍ଷେପ କରି ଏବଂ ସମସ୍ତ ପ୍ରକାର ଗଣତାନ୍ତ୍ରିକ ରୀତିନୀତିକୁ ସୁକୌଶଳରେ ବଳି ପକାଇ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୦କୁ ରାଜ୍ୟ ସରକାର ବିଧାନସଭାରେ ପାରିତ କରିଛନ୍ତି । ଏହି ଅଗଣତାନ୍ତ୍ରିକ, ଛାତ୍ର ଅଧ୍ୟାପକ କର୍ମଚାରୀ ତଥା ଶିକ୍ଷା ବିରୋଧି ପଦକ୍ଷେପକୁ ଏ.ଆଇ.ଡି.ଏସ୍.ଓ ତରଫରୁ ଦୃଢ ବିରୋଧ କରାଯାଇ ଆଜି ରାଜଭବନ ସମ୍ମୁଖରେ ଏକ ବିକ୍ଷୋଭ ସଂଗଠିତ ହୋଇଥିଲା । ବିକ୍ଷୋଭ ସ୍ଥଳରୁ ରାଜ୍ୟପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇ ଏହାକୁ ତୁରନ୍ତ ରଦ୍ଦ କରିବା ସହ ପୁନଃ ସରକାରଙ୍କୁ ଫେରାଇ ଦେବାକୁ ଦାବୀ କରାଯାଇଛି ।
ସୂଚନାଯୋଗ୍ୟ ଯେ, ସିନେଟ୍ ଉଚ୍ଛେଦ, ଅଧ୍ୟାପକ ନିଯୁକ୍ତି ବିଶ୍ୱବିଦ୍ୟାଳୟ ହାତରୁ କାଢିନେଇ ଓ.ପି.ଏସ୍.ସି କୁ ପ୍ରଦାନ, କୁଳପତି ଚୟନରେ ସିଣ୍ଡିକେଟ ବଦଳରେ ସରକାରୀ ପ୍ରତିନିଧି ସ୍ଥାନ ପାଇବା, ସିଣ୍ଡିକେଟର କ୍ଷମତାକୁ ସଙ୍କୁଚିତ କରି ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଏହାର ସଭ୍ୟ କରିବା, ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାରେ ସରକାରୀ ନିୟନ୍ତ୍ରଣ ପ୍ରତିଷ୍ଠା କରିବା, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ୍‌କୁ ବାତିଲ କରିବା ଭଳି ବହୁ ମାରାତ୍ମକ ସୁପାରିଶ ରାଜ୍ୟର ଉଚ୍ଚ ଶିକ୍ଷାର ସମାଧି ରଚନା କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଅନ୍ୟପଟରେ ରାଜ୍ୟ ସରକାର ସମସ୍ତ ମତାମତକୁ ଉପେକ୍ଷା କରି କରୋନା ସମୟରେ ବିଧାନସଭାରେ ଯେଭଳି ଭାବେ ଏହି ବିଲକୁ ପାରିତ କଲେ ତାହା ରାଜ୍ୟରେ ଏକ କଳା ଇତିହାସ ସୃଷ୍ଟି କରିଛନ୍ତି । ସଂଖ୍ୟାଗରିଷ୍ଠତା ବଳରେ ରାଜ୍ୟର ଜନଗଣ ପ୍ରତି ଛୁରିକାଘାତ କରିଛନ୍ତି । ଏହି ଫାସୀବାଦୀ ପଦକ୍ଷେପ ବିରୁଦ୍ଧରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦୁଇ ଦିନ ଧରି ରାଜ୍ୟବ୍ୟାପୀ ବହୁ ପ୍ରତିବାଦ ବିକ୍ଷୋଭ, ବିଲ ପୋଡି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି ଏବଂ ଆଜି ରାଜଭବନ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ଏ.ଆଇ.ଡି.ଏସ୍.ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସଂପାଦକ ସୁବାସ ନାୟକ, ଉପସଭାପତି ସିର୍ଦ୍ଧାତ ରଥ, ଜୟନ୍ତ ମହାନ୍ତି, ସଂପାଦକ ମଣ୍ଡଳୀ ସଦସ୍ୟ ନସିମ ସରକାର, ଭାଗ୍ୟରବୀ ଦାସ, ସ୍ୱସ୍ତି ସଙ୍ଗିତା ଦଳାଇ, ବିନୋଦ ସେଠୀ, ତରୁଣସେନ ନାୟକ ପ୍ରମୁଖ ଛାତ୍ରନେତାମାନଙ୍କ ବିକ୍ଷୋଭରେ ସାମିଲ ହୋଇଥିଲେ । ଏହା ବିରୁଦ୍ଧରେ ରାଜ୍ୟର ଛାତ୍ର ସମାଜ, ବୁଦ୍ଧିଜୀବୀ, ସଚେତନ ନାଗରିକ ଏକଜୁଟ ହୋଇ ଆନ୍ଦୋଳନକୁ ଜୋରଦାର କରିବାକୁ ବିକ୍ଷୋଭ ସ୍ଥଳରୁ ଛାତ୍ରନେତାମାନେ ନିବେଦନ କରିଥିଲେ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada





Bhubaneswar Saturday July 10, 2021 ଭୁବନେଶ୍ୱର ଶନିବାର, ଜୁଲାଇ ୧୦,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ବେଦାନ୍ତ ପକ୍ଷରୁ ଭିଡିଓ ଅଭିଯାନ 'ଫର ଏ ବେଟର କାଲ' ମାଧ୍ୟମରେ ସାମାଜିକ ପରିବର୍ତ୍ତନ ଅଭିଯାନର ଶୁଭାରମ୍ଭ



ଭୁବନେଶ୍ୱର : ବେଦାନ୍ତ ଏହାର ଫ୍ଲାଗସିପ ପ୍ରୋଜେକ୍ଟ ନନ୍ଦଘର ମାଧ୍ୟମରେ ଏକ ସାମାଜିକ ପରିବର୍ତନ ଅଭିଯାନ ଆରମ୍ଭ କରିଛି ଏହାର ଲକ୍ଷ୍ୟ ହେଉଛି ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ମହିଳା ସଶକ୍ତିକରଣ ଓ ପରିଛନ୍ନତା ପ୍ରଭୃତି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନ ପ୍ରଦାନ କରିବା। ଏହି ଅଭିଯାନର ଶିରୋନାମାକୁ ଫରଏ ବେଟର କାଲ ରଖା ଯାଇଛି। ଏହା ଦ୍ୱାରା ଗ୍ରାମାଂଚଳ ଓ ସହରାଂଚଳ ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂର କରାଯାଇ ପାରିବ। ଏହି ଅଭିଯାନର ଅଂଶ ଭାବରେ କଂପାନି ନନ୍ଦଘରର ଆଗଧାଡ଼ିର କର୍ମଚାରୀମାନଙ୍କ ପାଇଁ ପାଂଚୋଟି ଭିଡିଓ ଉନ୍ମୋଚନ କରିବ ଯେଉଁମାନେ ଗୋଷ୍ଠୀର ଉନ୍ନତି ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି। ଏହି ନନ୍ଦଘର ପ୍ରୋଜେକ୍ଟଟି ଅନିଲ ଅଗ୍ରୱାଲ ଫାଉଣ୍ଡେସନ ଆନୁକୂଲ୍ୟରେ ପରିଚାଳିତ ହେଉଛି। ଏହା କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ ସହଯୋଗରେ ଅଙ୍ଗନୱାଡ଼ି ଇକୋସିଷ୍ଟମକୁ ପରିବର୍ତନ କରୁଛି।ମାକନାନ ୱାର୍ଲଡ ଗ୍ରୁପ ଦ୍ୱାରା ଏହି ଅଭିଯାନର ପରିକଳ୍ପନା ପ୍ରସ୍ତୁତ ହୋଇଛି, ଯେଉଁଥିରେ ଶିକ୍ଷା ଓ ନୂଆ ଶିକ୍ଷଣ ଢାଂଚାକୁ ଗ୍ରାମାଂଚଳ ସ୍ତରରେ ପ୍ରଣୟନ କରାଯାଇ ଏପରିକି ଲକଡାଉନ ସମୟରେ ପ୍ରାକ୍ ଶୈଶବକାଳୀନ ଶିକ୍ଷା ପ୍ରଦାନ କରାଯାଉଛି। ଏହି ମଡ୍ୟୁଲ ପୂର୍ବରୁ ସହରାଂଚଳରେ ପରିଚାଳିତ ହେଉଥିଲା, ବର୍ତମାନ ଏହାକୁ ନନ୍ଦଘର ମାଧ୍ୟମରେ ଗ୍ରାମାଂଚଳ ସ୍ତରରେ ଚାଲୁ କରାଯିବା ପାଇଁ ପ୍ରୟାସ କରାଯାଉଛି। ଅନ୍ୟ ଏକ ଭିଡିଓରେ ଗୋଷ୍ଠୀରେ ଉନ୍ନତ ସ୍ୱାସ୍ଥ୍ୟ ସେବାର ପ୍ରସାର ବିଷୟ ରଖାଯାଇଛି। ଯେଉଁ ସବୁ ଲୋକମାନଙ୍କ ପାଇଁ ଡାକ୍ତରୀ ସେବା ଅପହଂଚ ଥିଲା ସେହିସବୁ ଗ୍ରାମର ଲୋକମାନେ ଆଜି ନନ୍ଦଘର ମାଧ୍ୟମରେ ଏହି ସେବା ପାଇବାକୁ ସକ୍ଷମ ହୋଇ ପାରିଛନ୍ତି। କଂପାନି ଏହି ଭିଡିଓ ଗୁଡ଼ିକୁ ଏକାଧିକ ଜାତୀୟ ଟେଲିଭିଜନ ଚ୍ୟାନେଲ ସହିତ ସୋସିଆଲ ମିଡିଆ ପ୍ଲାଟଫର୍ମ ଜରିଆରେ ଡିଭିସି ଭାବରେ ପ୍ରସାରିତ କରିବ। ଡିଜିଟାଲ, ବାହ୍ୟ ଓ ଖୁଚୁରା ସକ୍ରିୟ ପ୍ଲାନ ଦ୍ୱାରା ସମର୍ଥିତ ଅଗ୍ରଣୀ ଚ୍ୟାନେଲ ଗୁଡ଼ିକରେ ଏହା ପ୍ରସାରିତ ହେବ। ଏହି ପଦକ୍ଷେପ ସଂପର୍କରେ ବେଦାନ୍ତ ସମ୍ବଲର ନିର୍ଦ୍ଦେଶକ, ଶ୍ରୀମତି ପ୍ରିୟା ଅଗ୍ରୱାଲ ହେବର, କହିଛନ୍ତି ଯେ ନ୍ତ ସବୁ ମହିଳା ଓ ପିଲାମାନେ ସମାନ ଶିକ୍ଷା ସୁବିଧା ପାଇବା ଉଚିତ। ବେଦାନ୍ତ ନନ୍ଦଘର ଗ୍ରାମାଂଚଳର ମହିଳା ଓ ଶିଶୁ ମାନଙ୍କ ବିକାଶ ଲାଗି ସେମାନଙ୍କ ପାଇଁ ଉତମ ପୋଷଣ, ଶିକ୍ଷା, ସ୍ୱାସ୍ଥ୍ୟ ଯତ୍ନ ଓ ଦକ୍ଷତାର ବିକାଶ ପାଇଁ କାର୍ଯ୍ୟ କରୁଛି। ଯଦ୍ୱାରା ସେମାନେ ଆତ୍ମ ନିର୍ଭର ହୋଇ ପାରିବେ। ଏହି ଭିଡିଓ ନନ୍ଦଘରର ଆଗଧାଡ଼ିକ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମର ପ୍ରମାଣ, ଯେଉଁମାନେ ତାଙ୍କର ଅଦ୍ୟମ ନିଷ୍ଠା ଦ୍ୱାରା ଏହି ସ୍ୱପ୍ନକୁ ବାସ୍ତବତାରେ ପରିଣତ କରୁଛନ୍ତି।ଏହି ଭିଡିଓ ଅଭିଯାନ ପଛରେ ରହିଥିବା ଚିନ୍ତାଧାରା ସଂପର୍କରେ ପ୍ରଶୁନ ଯୋଶୀ, ସିଇଓ ଓ ସିସିଓ ମାକନାନ ୱାର୍ଲଡ ଗ୍ରୁପ ଇଣ୍ଡିଆ କହିଛନ୍ତିଯେ ଏକ କାହାଣୀ ଧୀରେ ଧୀରେ ସମାଜରେ ପରିବର୍ତନ ଆଣିପାରେ ଓ ଏକ ସ୍ୱତନ୍ତ୍ର ସଂପର୍କ ଗଢିପାରେ। ଦେଶର ଆବଶ୍ୟକତା ପାଇଁ ଏହାର ଆବଶ୍ୟକତା ରହିଛି। ଏହି ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ ସହିତ ଏକ ନୂଆ ସଂପର୍କ ସୃଷ୍ଟି ହୋଇ ପାରିବ। ୧୧ଟି ରାଜ୍ୟରେ ୨୩୦୦ରୁ ଅଧିକ ନନ୍ଦଘର ମାଧ୍ୟମରେ ଏହି ଅଭିଯାନ ବିଶ୍ୱ ପାଇଁ ଏକ ନୂତନ ବାର୍ତା ପ୍ରଦାନ କରିବ ଓ ଗ୍ରାମାଂଚଳର ମହିଳା ଓ ଶିଶୁ ମାନଙ୍କ ଜୀବନରେ ପରିବର୍ତନ ଆଣି ପାରିବ। ତୃଣମୂଳ ସ୍ତରେ ୭ କୋଟି ପିଲା ଓ ୨ କୋଟି ମହିଳାଙ୍କ ଜୀବନରେ ପରିବର୍ତନ ଆଣିବା ନନ୍ଦଘରର ଲକ୍ଷ୍ୟ।ନନ୍ଦଘର ପ୍ରକଳ୍ପରେ ମହିଳା ଓ ଶିଶୁ ମାନଙ୍କ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଇଛି। ଯାହା ମଧ୍ୟରେ ପିଲାମାନଙ୍କ ପାଇଁ ଇ ଲର୍ଣ୍ଣିଂ, ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ମହିଳାମାନଙ୍କ ଅର୍ଥନୈତିକ ସଶକ୍ତିକରଣ, ସ୍ଥାନୀୟ ପ୍ରଶାସନିକ ବ୍ୟବସ୍ଥାର ସୁଦୃଢୀକରଣ ଓ ଅତ୍ୟାଧୁନିକ ଭିତିଭୂମିର ନିର୍ମାଣ ଭଳି ପ୍ରମୁଖ ଦିଗ ରହିଛି। ମହିଳା ଓ ପିଲାମାନଙ୍କ ପ୍ରତି ବିଶେଷ ଧ୍ୟାନ ପ୍ରଦାନ ପାଇଁ ନନ୍ଦଘର ଭୂମିକା ଗରୁତ୍ୱପୂର୍ଣ୍ଣ। ଏହା ମଧ୍ୟ କୋଭିଡ-୧୯ ବିରୁଦ୍ଧରେ ଲଢାଇ ଜାରି ରଖିଛି ଓ ଗୋଷ୍ଠୀ ମଧ୍ୟରେ ସଚେତନତା ସୃଷ୍ଟି କରୁଛି। ଏହି କେନ୍ଦ୍ର ଦ୍ୱାରା ଟୀକାକରଣ ବ୍ୟବସ୍ଥା ଓ ମହାମାରୀ ସମୟରେ କ୍ୱାରାଂଟାଇନ ବ୍ୟବସ୍ଥା କରାଯାଇଛି।

## ଆନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ, ଦେଶୀ ମଦ ଓ ମହୁଲପୋଚ ଜବତ ସହ ୮ ଗିରଫ

ଆନନ୍ଦପୁର: ଆନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ୮ ତାରିଖ ଗୁରୁବାର ଦିନ ଘଷିପୁରା ଓ ଆନନ୍ଦପୁରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣରେ ଦେଶୀମଦ, ମହୁଲପୋଚ ସହ ମଦରନ୍ଧା ସରାମ ଜବତ କରିବା ସହ ୮ ଜଣଙ୍କୁ ଗିରଫ କରାଯାଇଛି । ସୂଚନାଯୋଗ୍ୟ ଯେ ଆନନ୍ଦପୁର ଓ ଘଷିପୁରା ଉପଖଣ୍ଡର ଆଦିବାସୀ ଅଧ୍ୟୁଷିତ ଅଂଚଳରେ ବେଆଇନ୍ ଭାବେ ଚୋରା ଦେଶୀ ମଦ ତିଆରି କରାଯାଉଥିବାରୁ ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାକାନ୍ତ ମୁଦୁଲୀଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଉପନୀରିକ୍ଷକ ନରେନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଅବକାରୀ ବିଭାଗର କର୍ମଚାରୀମାନେ ଗୁରୁବାର ଦିନ ଘଷିପୁରା ଥାନା ଅନ୍ତର୍ଗତ ମାର୍ଶାପାଳ,ଶୁଆପୁରର ଅରଖବାହାଲି ଓ ଆନନ୍ଦପୁର ଥାନା ଅନ୍ତର୍ଗତ ରଚୁଆଁ, କୋଡପଡା ପ୍ରଭୃତି ଆଦିବାସୀ ଅଂଚଳରେ ଅତର୍କିତ ଭାବେ ଚଢାଇ କରି ୪୪୧ଲିଟର ଦେଶୀମଦ, ୨୨,୦୫୦କି.ଗ୍ରା. ମହୁଲପୋଚ ସହ ମଦରନ୍ଧା ସରାମ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ମାର୍ଶାପାଳ ଗ୍ରାମର ଭୀମସେନ କିସ୍କୁ, ନିମିଆଁ ମୁର୍ମୁ, ସୀତାରାମ ମୁର୍ମୁ, ପାନ ମୁର୍ମୁ, ସସ୍ମିତା ତନ୍ତି, ସୁଲତା ଦାସ, ମିର୍ଜା ସୋରେନ୍ ଓ ସରସ୍ୱତୀ ମୁର୍ମୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢାଉରେ ଅବକାରୀ ନିରୀକ୍ଷକ ସୁତକାନ୍ତ ରାଉତ, ଉପନିରୀକ୍ଷକ ହେମନ୍ତ ମହାନଳିଆ, କୃଷ୍ଣଚନ୍ଦ୍ର ପରିଡା, ଡିଲେଶ୍ୱର ନାଏକଙ୍କ ସମେତ ଆନନ୍ଦପୁର ଅବକାରୀ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ କରି ବ୍ଲକ ଅଫିସ ଘେରାଉ କଲା ବିଜେପି




ରଣପୁର (ପି.ଏନ) ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ରଣପୁର ବ୍ଲକ ଘେରାଉ କଲା ରଣପୁର ମଣ୍ଡଳର ଭାରତୀୟ ଜନତା ପାର୍ଟୀ । ରଣପୁର ବ୍ଲକରେ ପ୍ରଶାସନିକ ଅଧିକାରୀମାନଙ୍କୁ ରାଜନୈତିକ ଚାପ ପ୍ରୟୋଗ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେଇ ଦଳୀୟ ଭିତିରେ ନିଜ କର୍ମୀ ତଥା ଆର୍ଥିକ ସ୍ୱଚ୍ଛଳ ଥିବା ପରିବାର ବର୍ଗଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦିଆଯାଉଥିବା ଅଭିଯୋଗ କରିଛି ଭାରତୀୟ ଜନତା ପାର୍ଟି । ରଣପୁର ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ସୁରମା ପାଢୀଙ୍କ ନେତୃତ୍ୱରେ ଆଜି ବିଜେପି ପାର୍ଟି ଅଫିସରୁ ଏକ ବିରାଟ ମୋଟର ସାଇକେଲ ରାଲିରେ ବାହାରି ରଣପୁର ସଦର ପରିକ୍ରମା କରିବା ସହ ବ୍ଲକରେ ପହଂଚି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ରଣପୁର ବିଡିଓଙ୍କୁ ଏକ ଦାବିପତ୍ର ଦେଇଥିଲେ । ଏଥିରେ ବିଜେପିର ନୟାଗଡ ଜିଲା ସମ୍ପାଦକ ପରେଶ ମିଶ୍ର ଏବଂ ବିଜେପିର ଶତାଧିକ କର୍ମୀ ଯୋଗଦେଇଥିଲେ । ସେମାନଙ୍କର ଦାବି ଥିଲା ସରକାରୀସ୍ତରରେ ତଦନ୍ତ କରାଯାଇ ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦଦେଇ ଯୋଗ୍ୟ ହିତାଧିକାରୀମାନଙ୍କୁ ଏଥିରେ ସାମିଲ କରାଯାଉ ନହେଲେ ବିଜେପି ପକ୍ଷରୁ ଆଗାମୀ ଦିନରେ ଜୋରଦାର ବିରୋଧ କରାଯିବ ବୋଲି ବିଜେପି ଚେତାବନୀ ଦେଇଛି ।

# ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦର କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ଉଦଘାଟିତ

କେନ୍ଦ୍ରାପଡ଼ା: ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦର କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ କୋଭିଡ -୧୯ କଟକଣା ଅନୁପାଳନ ପୂର୍ବକ ଉଦଘାଟିତ ହୋଇଯାଇଛି । ପରିଷଦର ଓଡିଶା ବୋର୍ଡ ସଭାପତି ମୀନକେତନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ଏହି ଅବସରରେ ସଭାପତି ଶ୍ରୀ ପଟ୍ଟନାୟକ କେନ୍ଦ୍ରାପଡା ଜିଲ୍ଲାର ଅବହେଳିତ, ନିଷ୍ପେସିତ ଓ ନିର୍ଯ୍ୟାତିତମାନଙ୍କ ପାଇଁ ଏହି କାର୍ଯ୍ୟାଳୟ ସଂଜିବନୀ ସଦୃଶ କାର୍ଯ୍ୟ କରିବ ବୋଲି କହିବା ସହିତ ଏଥିନିମନ୍ତେ ଉପସ୍ଥିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ବୋର୍ଡର ଉପସଭାପତି ରୁଦ୍ରମୋହନ ସାହୁ, ସାଧାରଣ ସମ୍ପାଦକ ପ୍ରବୀଣ କୁମାର ଷଣ୍ଢ, ସହ ସଂଯୋଜକ ଅଶ୍ୱିନୀ କୁମାର ସେନାପତି, କେନ୍ଦ୍ରାପଡା ଜିଲ୍ଲା ସଭାପତି ସୁଶାନ୍ତ କୁମାର ଦାଶ, ଉପସଭାପତି ଖଗେଶ୍ୱର ସାହୁଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ କଳାକର ବଳଙ୍କ ବିୟୋଗରେ ଶୋକସଭା

କେନ୍ଦୁଝର: ଗତ ତା୦୬.୦୭. ୨୦୨୧ ରିଖ ରାତ୍ର ଘ୧୧.୨୦ମିନିଟ୍ ସମୟରେ ହରିଚନ୍ଦନପୁର ବାସଭବନରେ ମସ୍ତିସ୍କ ଜନିତ ରକ୍ତସଂଚାଳନ ପ୍ରକ୍ରିୟା ବନ୍ଦ ହେବା ଯୋଗୁଁ ସ୍ୱର୍ଗତ କଳାକର ବଳଙ୍କର ବିୟୋଗ ହୋଇଯାଇଛି । ସ୍ୱର୍ଗତ ବଳ ହରିଚନ୍ଦନପୁର ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବରେ ଦୀର୍ଘ ଦିନ ଧରି କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ଶିକ୍ଷକସମାଜ ପ୍ରତି ତାଙ୍କର ବଳିଷ୍ଠ ନେତୃତ୍ୱ ସଂଗଠାନିକ ଦକ୍ଷତା ସମସ୍ତଙ୍କ ସହିତ ବନ୍ଧୁତା ଓ ଜଣେ ସୁନାମଧନ୍ୟ ଶିକ୍ଷକ ଭାବରେ ସେ ଖୁବ ପରିଚିତ ଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଅବସରପ୍ରାପ୍ତ ମାଧମିକ ଶିକ୍ଷକ ସଂଘ ଓଷ୍ଟାର କର୍ମକର୍ତ୍ତା ତଥା ସଭାପତି ଶ୍ରୀ ସୟ ବସନ୍ତ ଚକ୍ରଙ୍କ ନେତୃତ୍ୱରେ ଏକ ଶୋକସଭା ଆୟୋଜନ କରାଯାଇ ସଂପୃକ୍ତ ଶିକ୍ଷକଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସ୍ଥାନୀୟ କେନ୍ଦୁଝରଗଡ ଶିକ୍ଷକ ଭବନଠାରେ ଶ୍ରଦ୍ଧାଳି ଅର୍ପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସହାୟତାରେ ସଦସ୍ୟ ଯୋଗ ଦେଇ ସଂପାଦକ ରବୀନ୍ଦ୍ର କୁମାର ପଣ୍ଡା, ଉପସଭାପତି ଚିନ୍ତାମଣି ଜେନା, ପ୍ରସନ୍ନ ରଥ, କୋଷାଧକ୍ଷ ମଦନ ମୋହନ ଦ୍ୱବେଦୀ, ବର୍ତ୍ତମାନର ଜିଲ୍ଲା ସଂପାଦକ କ୍ଷୀରୋଦ ଚନ୍ଦ୍ର ରାଉତ, ସଭ୍ୟ ସରୋଜ ଚନ୍ଦ୍ର ମିଶ୍ର, ସ୍ୱପ୍ନା ସାହୁ ଓ ଅନ୍ୟାନ୍ୟ କର୍ତ୍ତକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୟରର୍ସହୋପ ଫାଉଣ୍ଡେସନ ପକ୍ଷରୁ ରନ୍ଧାଖାଦ୍ୟ ବଂଟନ



ଖୋର୍ଦ୍ଧା : ଅଗ୍ରଣୀ ସ୍ୱେଚ୍ଛା ସେବୀ ସଂଗଠନ ୟରର୍ସହୋପ ଫାଉଣ୍ଡେସନ ପକ୍ଷରୁ ଅସହାୟ ବ୍ୟକ୍ତିମାନଙ୍କୁ ରନ୍ଧା ଖାଦ୍ୟ ବଂଟନ କରାଯାଇଛି । ସଂଗଠନର ପ୍ରତିଷ୍ଠାତା ତଥା ଅଧକ୍ଷା ରୀନା ରାଣୀ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ୱବଧାନରେ ଭୁବନେଶ୍ୱର ଟଙ୍କପାଣି ନିକଟସ୍ଥ ଏକାମ୍ର ନିଳୟ ଠାରେ ରହୁଥିବା ୧୫୦ରୁ ଉର୍ଦ୍ଧ୍ୱ ନିରାଶ୍ରୟ ବ୍ୟକ୍ତିମାନଙ୍କୁ ରନ୍ଧା ଖାଦ୍ୟ ବଂଟନ କରାଯାଇଥିଲା। ଭୁବନେଶ୍ୱରର ପ୍ରଜ୍ଞାପରମିତା ଅନୁଭବ ପବନ ପାଟିଲ ଏବଂ ସାଇ ପ୍ରଜ୍ଞାଙ୍କ ପ୍ରତ୍ୟେକ୍ଷ ତତ୍ୱବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କରୋନା ମହାମାରୀ ସମୟରେ ସଂଗଠନର ଏଭଳି କାର୍ଯ୍ୟକ୍ରମ ସାଧାରଣରେ ଉଚ୍ଚ ପ୍ରଂଶସା କରାଯାଇଥିଲା।

# ଆବାସ ଦୁର୍ନୀତି ପ୍ରତିବାଦରେ ସଦର ବ୍ଲକ ଘେରିଲା ବିଜେପ

କେନ୍ଦୁଝର:ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବଣ୍ଟନ ହୋଇଥିବା ଦୁର୍ନୀତି ପ୍ରତିବାଦରେ ଆଜି ଜିଲ୍ଲା ବିଜେପି ତରଫରୁ ଧନୀଙ୍କୁ ଆବାସ ଯୋଜନାରୁ ବାଦ୍ କରିବା, ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପ୍ରଭୃତି ପ୍ରସଙ୍ଗକୁ ନେଇ ସଦର ବ୍ଲକ ଘେରାଉ କରାଯାଇଛି। ସୂଚନା ଅନୁସାରେ ୮୪୫୮୨ ଘରର ଅନୁଦାନ ଆସିଥିବା ବେଳେ ତାହା ପ୍ରକୃତ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହେଉଥିବା ବେଳେ ଘର ଥାଇ କିଛି ଲୋକ ଘର ହାତେଇ ନେଉଥିବା ଅଭିଯୋଗ କରିଥିଲେ ସଦର ବିଧାୟକ ମୋହନ ଚରଣ ମାଝୀ । ପ୍ରକୃତ ହିତାଧିକାରୀଙ୍କୁ ତୁରନ୍ତ ଚିହ୍ନଟ କରି ଗୃହ ଯୋଗାଇ ଦେବା ସହ ଗୃହ ଯୋଗାଇବା ସମୟରେ ଲାଞ୍ଚ କାରବାରକୁ ବନ୍ଦ କରିବା ଆଦି ଦାବି ନେଇ ପ୍ଲାକାର୍ଡ ଧରି କାଳୀପଡିଆ ଠାରୁ ଏକ ଶୋଭାଯାତ୍ରାରେ ବହାରି ସଦର ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲୋ

# ବେଆଇନ ଭାବରେ ପଥର ଖଣି ଖନନକୁ ଗ୍ରାମବାସୀଙ୍କ ବିରୋଧ




ଖୋର୍ଦ୍ଧା : ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ତହସିଲ ଅଧିନସ୍ଥ ମଳିପଡ଼ା ମୌଜାରେ ଥିବା ଖାତା ନଂ.୭୩୩, ପ୍ଲଟ ନଂ.୬(ପି), ହନୁମନ୍ତଆ ପାହାଡ଼, ଏରିଆ-ଏ୧୦.୫୪୯ଡ଼ିସିମିଲ ଜମିକୁ ଦୀର୍ଘ ମିଆଦ ଲିଜ ସୂତ୍ରରେ କୁମାରବସ୍ତ ଗ୍ରାମର ଶ୍ରୀମତୀ ସଂଯୁକ୍ତା କହଲସିଂହକୁ ପ୍ରଦାନ କରାଯାଇଛି। କିନ୍ତୁ ସେ ନିଲାମ ନେଇଥିବା ଉକ୍ତ ପ୍ଲଟ୍‌କୁ ମିଶାଇ ପାଖରେ ଥିବା ଆଉ ଦୁଇଗୋଟି ପ୍ଲଟରୁ ବେଆଇନ ଭାବରେ ବ୍ଲାଷ୍ଟିଂ କରି ପଥର ଖନନ କରୁଥିବା ନେଇ ସ୍ଥାନୀୟ ଅଂଚଳର ଗ୍ରାମବାସୀ ତଥା କ୍ଷତିଗ୍ରସ୍ତ ହୋଇଥିବା ଜମି ମାଲିକମାନେ ବେଆଇନ ଖଣି ଖନନକୁ ତୀବ୍ର ବିରୋଧ କରିବା ସହିତ ଏହାକୁ ତୁରନ୍ତ ବନ୍ଦ କରିବାକୁ ଖୋରଧା ଜିଲ୍ଲା ପ୍ରଶାସନ ତଥା ପୁରୀ ପ୍ରଶାସନଙ୍କ ନିକଟରେ ଦାବୀ କରିଛନ୍ତି। ମଳିପଡ଼ା ଗ୍ରାମର ମାନସ ରଂଜନ ବରାଳ, ଅଭିଯୋଗ କରିଛନ୍ତି ବେଆଇନ ଭାବରେ ଶ୍ରୀମତୀ କହଲସିଂହ ଗୋଟିଏ ପ୍ଲଟକୁ ଲିଜ୍ ନେଇ ଆଉ ଦୁଇ ଗୋଟି ସମୁଦାୟ ୩ଟି ପ୍ଲଟ ରୁ ବେଆଇନ ଭାବରେ ଖନନ କରିବା ଏବଂ ବ୍ଲାଷ୍ଟି ଯୋଗୁଁ ପାଖରେ ଥିବା ଘରଗୁଡ଼ିକର କାନ୍ଥ ଛାତ ଫାଟି ଯିବା ସହିତ ରାସ୍ତା ଘାଟ ମଧ ନଷ୍ଟ ହୋଇଛି। ଏହା ତୁରନ୍ତ ବନ୍ଦ ହେବା ଦରକାର ବୋଲି ସେ ଦାବୀ କରିଛନ୍ତି। ଠିକ୍ ସେହିପରି ଭାବରେ ଏହି ବେଆଇନ ଖଣି ଖନନ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଆଉ ଜଣେ ଚାଷୀ ହେଲେ ମଳିପଡ଼ା ଗ୍ରାମର ଶୈଳେସ କୋଦମସିଂହ ଯାହାଙ୍କର ପ୍ଲଟ ନଂ. ହେଉଛି ୧୦ ଓ ଖାତା ନଂ.୫୦୭ ସେ ଅଭିଯୋଗ କରିଛନ୍ତି ତାଙ୍କ ପ୍ଲଟର ଅଧଏକର ଜାଗା ପ୍ରାୟ ୨୦୦ ଫୁଟ ଲମ୍ବା ପର୍ଯ୍ୟନ୍ତ ପଥର କାଟି ନେବା ସହ ସେହି ପ୍ଲଟରେ ଥିବା ଏକ ଘରକୁ ମଧ ବେଆଇନ ଭାବରେ ଭାଙ୍ଗି ଦେଇଛନ୍ତି। ଏହାର ସେ ପ୍ରତିବାଦ କରିବାରୁ ତାଙ୍କୁ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବା ସହ ବୋମା ପକାଇ ଜୀବନରେ ମାରି ଦେବାର ଧମକ ମଧ ଦେଇଛନ୍ତି। ଅନୁରୂପ ଭାବରେ ସେହି ଗ୍ରାମର ଆଶାରାମ ସାହୁ, ପ୍ଲଟ ନଂ.୫୦୭ରେ ଥିବା ୧୦୦ରୁ ୧୫୦ ଆମ୍ବ ଗଛ ବେଆଇନ ଭାବରେ ଖଣି ଖନନ କରି ନଷ୍ଟ କରିଦେବା ସହ ଉକ୍ତ ଜମି ଉପରେ ମାଟି ପଥର ଗଦା କରି ନଷ୍ଟ କରି ଦେଇଥିବା ନେଇ ସେ ଅଭିଯୋଗ କରିବା ସହ ତାଙ୍କୁ ଉପଯୁକ୍ତ କ୍ଷତି ପୂରଣ ଦିଆଯିବା ସହିତ ସୁରକ୍ଷା ପ୍ରଦାନ କରିବାକୁ ପ୍ରଶାସନ ନିକଟରେ ଦାବୀ କରିଛନ୍ତି। ଏହି ଅଭିଯୋଗ ଗୁଡ଼ିକ ସମ୍ପର୍କରେ ଖଣି ନିଲାମ ନେଇଥିବା ସଂଯୁକ୍ତା କହଲସିଂହ ତାଙ୍କର ଅସୁସ୍ଥା କାରଣରୁ ଖଣିର ଦେଖା ଶୁଣା କରୁଥିବା ତାଙ୍କର ପୁତ୍ର ସରନଜିତ୍ କହଲସିଂହଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବେଆଇନ ଖଣି ଖନନ ଆମେ କରି ନାହୁଁ। ଯଦି କାହାର ଜମି ଉପରେ ଆମ୍ଭେ ଖଣି ଖନନ କରିଛୁ ସେମାନେ ପୁରୀ ଶ୍ରୀମନ୍ଦିର ନିକଟରେ ଲିଖିତଭାବରେ ଅଭିଯୋଗ କରନ୍ତୁ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୁନର୍ବାର ମାପ ଚୁପ କରାଯାଇ ଆମ୍ଭେ ଲିଜ୍ ପାଇଥିବା ଖଣିର ସୀମା ନିର୍ଦ୍ଧାରଣ କରାଯାଉ। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ପୁରୀ ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟି ଦେବା ସହ ଏହି ସମସ୍ୟାର ତୁରନ୍ତ ଆଶୁ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ ହେଉଛି।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray